# ନାଚଗୀତରେ ଝୁମିଲେ ଆଦିବାସୀ

ରାଉରକେଲା ଅଫିସ୍‌, ୧୮।୯

ରାଉରକେଲା ଲାଠିକଟାରେ ଆତଖା ପାଢ଼ା ପକ୍ଷରୁ ପ୍ରକୃତି ଉପାସନାର ମହାନ ପର୍ବ କରମା ଉତ୍ସବ ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଦ୍ୱି ଦିବସୀୟ ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିନ ଶ୍ରଦ୍ଧାଳୁମାନେ ଉପବାସ କରି ମଧ୍ୟାହ୍ନରେ ଜଙ୍ଗଲକୁ ଯାଇ ନୃତ୍ୟଗୀତର ତାଳେ ତାଳେ କରମା ଡାଳକୁ ପାଛୋଟି ଆଣିଥିଲେ। ସନ୍ଧ୍ୟାରେ ପୂଜାର୍ଚ୍ଚନା ଓ ରାତିରେ କରମା ନୃତ୍ୟଗୀତ

**ଲାଠିକଟାରେ କରମା ଉତ୍ସବ ସମ୍ପନ୍ନ**

ପରିବେଷିତ ହୋଇଥିଲା। ଶନିବାର ଶେଷ ଦିବସରେ ପୂର୍ଣ୍ଣାହୂତି ପରେ ନଗର ଭ୍ରମଣ କରି ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କରମା ପର୍ବର ମାହାତ୍ମ୍ୟ ଏବଂ ମା' ମାଟିର ସୁରକ୍ଷା ପାଇଁ ପ୍ରକୃତି ଉପାସନାର ଆବଶ୍ୟକତା ସମ୍ବନ୍ଧରେ



ଆଦିବାସୀମାନେ ନୃତ୍ୟଗୀତ ପରିବେଷଣ କରୁଛନ୍ତି।

ଆଲୋଚନା ହୋଇଥିଲା। ଦିନକୁ ଦିନ ଲୁପ୍ତ ହେବାକୁ ବସିଥିବା ଆଦିବାସୀ ସଂସ୍କୃତି ଓ ପରମ୍ପରାର ସୁରକ୍ଷା କିପରି ହୋଇପାରିବ ସେ ନେଇ ଶ୍ରଦ୍ଧାଳୁମାନେ ସଂକଳ୍ପ ପାଠ କରିଥିଲେ। ପାଢ଼ାର ସଭାପତି ଚାୱା ଖାଲଖୋଙ୍କ ନେତୃତ୍ୱରେ କରମା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ବାନ୍ଦେ ମିଞ୍ଜ, ମଧୁ ଓରାମ, ଏତୁଆ ମିଞ୍ଜ, ଟୁଲୁ ମିଞ୍ଜ, ଅଜୟ ମିଞ୍ଜ, ବିଚା ମିଞ୍ଜ, ବୁଦ୍ଧୁ ଓରାମ, ସମରା ଓରାମ, ସାନକା ଓରାମ, ଅନୁପ ଖାଲଖୋ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ସମୟରେ ଖୋଲୁନି ଆଧାର କେନ୍ଦ୍ର

ଲାଠୋର, ୧୮।୯(ଡି.ଏନ.ଏ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଆଧାର ପ୍ରସ୍ତୁତ କେନ୍ଦ୍ର ସମୟରେ ଖୋଲୁନାହିଁ। ଦାୟିତ୍ୱରେ ଥିବା ବ୍ୟକ୍ତି କେନ୍ଦ୍ରକୁ ନିଜ ମନ ମୁତାବକ ଖୋଲୁଛି। ଏଥିଯୋଗୁଁ ଆଧାର ପ୍ରସ୍ତୁତ ପାଇଁ କେନ୍ଦ୍ରକୁ ଯାଇ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହୋଇ ଫେରୁଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ଆଧାର ପ୍ରସ୍ତୁତ କେନ୍ଦ୍ର ରହିଛି। ଅପରେଟର ଦାୟିତ୍ୱରେ ଯଯାତି କିଶୋର ହେର୍ଣ୍ଣା ରହିଛନ୍ତି। ହେଲେ ସେ ନିଜ ମନ ମୁତାବକ କେନ୍ଦ୍ର ଖୋଲୁଛନ୍ତି। ଫଳରେ ଲୋକ ଅନ୍ୟନୋପାୟ ହୋଇ ବେସରକାରୀ କେନ୍ଦ୍ରକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏନେଇ ବିଡିଓ ରଶ୍ମି ରଞ୍ଜନ ରାଉତଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ରକ୍ତଦାନ କରି ଶିଶୁର ଜୀବନ ବଞ୍ଚାଇଲେ ସ୍ୱେଚ୍ଛାସେବୀ

ଦେଓଗାଁ, ୧୮।୯(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜଲିଆର ଜନୈକ ସ୍ୱେଚ୍ଛାସେବୀ ଶନିବାର ରକ୍ତଦାନ କରି ଏକ ଦେଢ଼ମାସର ଶିଶୁର ଜୀବନ ବଞ୍ଚାଇଛନ୍ତି । ଲୋଇସିଂହା ତଲିଉଡାର ରଘୁ ଭୋଇଙ୍କ ଦେଢ଼ ମାସର ଶିଶୁ ପ୍ରିନ୍ସକୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ ହସ୍ପିଟାଲ ଶିଶୁବିଭାଗରେ ଚିକିତ୍ସା କରାଉଥିବା ବେଳେ ରକ୍ତର ଆବଶ୍ୟକତା ପଡିଥିଲା। ଖବର ପାଇ ଦେଓଗାଁ ବ୍ଲକ ଜଲିଆର ଏନଏଫ ଆଇଡି ସ୍ୱେଚ୍ଛାସେବୀ ସଂଗଠନର ସୁରେଶ ବାରିକ ଓ ପଜିଟିଭ ରକ୍ତଦାନ କରିଥିଲେ । ଏହାକୁ ସଂଗଠନର ପ୍ରତିଷ୍ଠାତା ପ୍ରଭାତ କୁମାର ମହାନନ୍ଦ, ଶିବପ୍ରସାଦ ନାଗ ସହଯୋଗ କରିଥିଲେ ।

### ଜଳ ଜୀବିକା ମିଶନ ତରଫରୁ ସଚେତନତା କାର୍ଯ୍ୟକ୍ରମ

ନୂଆପଡା ଅଫିସ,୧୮।୯: ନୂଆପଡା ଜିଲା ସିନାପାଲି ବ୍ଲକ ଗଣ୍ଡାବାହାଲି ଗାଁରେ ଜଳ ଜୀବନ ମିଶନ ତରଫରୁ ଗ୍ରାମ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯ୍ୟାର ଅନୁଷ୍ଠାନର ସଭାପତି ମହେନ୍ଦ୍ର କୁମାର ଯୋଶୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଦିବାକର ଖମାରୀ ଯୋଗଦେଇ ଜଳ ଜୀବନ ମିଶନ ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ଗ୍ରାମ୍ୟ ଖସଡା ପ୍ରସ୍ତୁତ କରି ସବୁ ଗାଁକୁ ବିଶୁଦ୍ଧ ପାନୀୟ ଜଳ ନିୟମିତ ପାଇପ ଯୋଗେ ଯୋଗାଣ କରିବା ଓ ଜଳ ଜୀବନ ମିଶନର ସବୁ ଗାଁରେ ଗୋଟିଏ ଲେଖାଏ କମିଟି ଗଠନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲାର ଗଣ୍ଡାବାହାଲି ଗ୍ରାମରୁ ପ୍ରଥମ କମିଟି ଗଠନ ଆରମ୍ଭ ହୋଇଛି। ସଭାପତି ଗୁଣଧର ମେହେର, ସମ୍ପାଦକ କିସନ ମେହେର ଓ କୋଷାଧ୍ୟକ୍ଷ ଭାବେ ଜେମାମଣି ମେହେରଙ୍କୁ ଚୟନ କରାଯାଇଛି। ଜିଲାର ୬୪୭ ଗାଁରେ କମିଟି ଗଠନ ହେବ ବୋଲି ଜିଲା ସଂଯୋଜକ ଅରୁଣ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି ।

# ବଳାତ୍କାର ଉଦ୍ୟମ କରି ଜେଲ ଗଲେ ଯୁବକ

ରାଉରକେଲା ଅଫିସ,୧୮।୯

ରାଉରକେଲା ଛେଣ୍ଡ ଥାନା ଅନ୍ତର୍ଗତ ରାଉରକେଲା ଏୟାରଷ୍ଟ୍ରିପ୍‌ ପରିସରରେ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁମନ୍ତ ନନ୍ଦ(୨୯)। ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁସାରେ, ଛେଣ୍ଡ ଅଞ୍ଚଳର ଜଣେ ମହିଳା ଠିକାସଂସ୍ଥା ଉତ୍କଳ ଉଦ୍ୟାନ ପ୍ରାଇଭେଟ ଲିମିଟେଡ୍‌ରେ କାମ କରନ୍ତି। ମହିଳା ଜଣଙ୍କ କିଛିଦିନ ହେଲା ରାଉରକେଲା ଏୟାରଷ୍ଟ୍ରିପ୍‌ରେ ଥିବା ବଗିଚାରେ ଘାସ ଉପାଡିବା କାମ କରୁଥିଲେ। ସେଠାରେ କାର୍ଯ୍ୟରତ ସୁମନ୍ତ ଉକ୍ତ ମହିଳାଙ୍କ ସହ ବିଭିନ୍ନ ସମୟରେ କଥାବାର୍ତ୍ତା ହୁଅନ୍ତି। ଶୁକ୍ରବାର ମହିଳା ଜଣଙ୍କ ମଧ୍ୟାହ୍ନ ଭୋଜନ ସାରି ବିଶ୍ରାମ ନେଉଥିବା ବେଳେ ସୁମନ୍ତ ତାଙ୍କୁ ଏକାକୀ ଦେଖି ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣଙ୍କ ଚିତ୍କାର କରିବାରୁ ଯୁବକ ଜଣଙ୍କ ସେଠାରୁ ଖସି ପଳାଇଥିଲେ। ଠିକା ସଂସ୍ଥା ପକ୍ଷରୁ ଏ ନେଇ ଛେଣ୍ଡ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସୁମନ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିଲା।

# ପରିବହନ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ରାଉରକେଲା ଅଫିସ,୧୮।୯

ରାଉରକେଲା ରେଲୱେ ଡିଭିଜନ ଆକ୍ସନ କମିଟି ପକ୍ଷରୁ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଉରକେଲାରେ ରେଳ ଡିଭିଜନ ଓ ବନ୍ଧମୁଣ୍ଡାରେ ଏକ ରେଳ କୋଚ୍‌ ଫାକ୍ଟ୍ରି ନିର୍ମାଣ ନେଇ କମିଟି ପକ୍ଷରୁ ଦାବି ହୋଇଛି। କମିଟିର ଆର୍ତ୍ତତ୍ରାଣ ମହାରଣା, ଆନନ୍ଦ ଚନ୍ଦ୍ର ମହାନ୍ତି, ସୁମନ ଦତ୍ତ, ପଶୁପତିନାଥ ଚାର୍ଟାର୍ଜୀ, ଦିଗମ୍ବର ମହାନ୍ତି, କୁଞ୍ଜ ବିହାରୀ ରାଉତ, ସୁପ୍ରତୀକ ବେହେରା, ପ୍ରହ୍ଲାଦ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଏହି କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହୋଇପାରିବ ସେ ଦିଗରେ ଦୃଷ୍ଟି ଦେବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମନ୍ତ୍ରୀ ବେହେରା ସମସ୍ତ କଥା ଅବଗତ ହେବା ପରେ ଏହା ଉପରେ ତୁରନ୍ତ ପଦକ୍ଷେପ ନେବେ ବୋଲି କମିଟି କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଗଡ଼ିଲା ବିଏସ୍‌କେୱାଇ ସଚେତନତା ରଥ



ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରଥର ଶୁଭାରମ୍ଭ କରାଯାଉଛି।

ଲାଠୋର, ୧୮।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) ରଥର ଶୁଭାରମ୍ଭ ହୋଇଛି। ଶନିବାର ବିଡିଓ ମନୋରଞ୍ଜନ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ସମୟରେ ସିଡିପିଓ ସରିତା ପଟ୍ଟନାୟକ, ଏମଓଆଇସି ସ୍ୱାଗତ ଖମାରୀ, ଇଫକୋ ଅନୁଷ୍ଠାନର ବ୍ଲକ ସଂଯୋଜକ ବାଞ୍ଛାନିଧି ପାତ୍ର, ନବିନ୍ଦ୍ର ମେହେର, ଦୁର୍ମିଳା ପୁଟେଲ, କସ୍ତୁରୀ ଛତ୍ରିଆ ଉପସ୍ଥିତ ଥିଲେ। ସରକାରଙ୍କ ଜନହିତକର ଏହି ଯୋଜନାରୁ ଗରିବ ଲୋକ କିପରି ଉପକୃତ ହେବେ ତାହା ଉପରେ ରଥ ଗାଁକୁ ଗାଁକୁ ବୁଲି ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ସଚେତନ କରିବ। ପ୍ରଥମ ଦିନରେ ରଥ ବ୍ଲକ ଅଧୀନ କୁଇବାହାଲ, ମହୁଲପାଟି ଏବଂ ହଲନଭଟା ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକଙ୍କୁ ସଚେତନ କରିଥିବା ସୂଚନା ଦିଆଯାଇଛି।

# ଯୋଗାଣ ମନ୍ତ୍ରୀଙ୍କୁ ଭେଟିଲା ରାଉରକେଲା କନ୍‌ଜ୍ୟୁମର ଫ୍ରଣ୍ଟ

ରାଉରକେଲା ଅଫିସ,୧୮।୯

ରାଉରକେଲା କନ୍‌ଜ୍ୟୁମର ଫ୍ରଣ୍ଟର ସଭାପତି ସୁଧୀର ସୁନ୍ଦର ରାୟଙ୍କ ନେତୃତ୍ୱରେ ଏକ ଟିମ୍‌ ରାଉରକେଲା ହାଉସ୍‌ଠାରେ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଭେଟି ଖାଉଟି ଓ ଯୋଗାଣ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ରାଉରକେଲା ଭଳି ଏକ ସ୍ମାର୍ଟ ସିଟିରେ ଯଥାଶୀଘ୍ର କନ୍‌ଜ୍ୟୁମର କୋର୍ଟ କାର୍ଯ୍ୟକ୍ଷମ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ତୁରନ୍ତ ସଭାପତି ଓ ସଦସ୍ୟ ପଦ ପୂରଣ ସହ ବାକି ପଡ଼ିଥିବା ମାମଲା ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏହି ଟିମ୍‌ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ସେହିପରି ଯୋଗାଣ ବିଭାଗରେ ନାନା ଅବ୍ୟବସ୍ଥାକୁ ରହିଛି। ଜିଲାରେ ଯୋଗାଣ କୋଟା ଏଫସିଆଇରୁ ନ ଉଠିବାରୁ ସାଧାରଣ ଖାଉଟି ମାସିକିଆ ଚାଉଳ ଓ ଗହମ ପାଇବାରୁ ବଞ୍ଚିତ ହେଉଛନ୍ତି। ଉଭୟ ରାଉରକେଲା ଓ ପାନପୋଷ ଯୋଗାଣ ବିଭାଗରେ ଅଧିକ ସଂଖ୍ୟକ ଷ୍ଟାଫ ନିଯୁକ୍ତି ସହ ସୁଷମ ବଣ୍ଟନ ବ୍ୟବସ୍ଥା କରିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ କୋଷାଧ୍ୟକ୍ଷ ରଜତ ଚୌଧୁରୀ, ବିକାଶ ଚୌଧୁରୀ, ସଞ୍ଜୀବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶୀମଦ ଜବତ, ୪ ଗିରଫ



ଜବତ ମଦ ଓ ଗିରଫ ଅଭିଯୁକ୍ତମାନେ ।

ରାଉରକେଲା ଅଫିସ,୧୮।୯

ରାଉରକେଲା ଅବକାରୀ ବିଭାଗ ସେକ୍ଟରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀ ମଦ ଜବତ ସହ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର-୮ ସମ୍ବଲେଶ୍ୱରୀ ବସ୍ତିର ଆର୍ତ୍ତ ମାହଖଣ୍ଡ(୩୦), ଗୋଲଘରର ମଙ୍ଗୁ ବଢ଼ାଇକ(୫୫), ରଘୁନାଥ ଲୋହାର(୫୬) ଏବଂ ଶଙ୍କର ଭୂମିଜ(୪୦)। ଚଢ଼ାଉ ବେଳେ ପୋଲିସ ରଘୁନାଥଙ୍କଠାରୁ ୪୦ ଲିଟର, ଶଙ୍କରଙ୍କଠାରୁ ୪୫ ଲିଟର, ମଙ୍ଗୁଙ୍କଠାରୁ ୨୫ ଓ ଆର୍ତ୍ତଙ୍କଠାରୁ ୩୦ ଲିଟର ଦେଶୀମଦ ଜବତ କରିଛି। ସେହିପରି ଟ୍ରାକ୍ଟର ଟିୟୁବରେ ଥିବା ମହୁଲ ପୋଚକୁ ଜବତ କରାଯାଇଛି।

# ପୂର୍ବତନ ମହିଳା ଏଏସ୍‌ଆଇଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ

ରାଉରକେଲା ଅଫିସ୍‌,୧୮।୯

ଉଚ୍ଚ ନ୍ୟାୟାଳୟରୁ ଅନ୍ତରୀଣ ଜାମିନ ମିଳିସାରିଥିଲେ ମଧ ଜଣେ ଅଭିଯୁକ୍ତଙ୍କୁ ରିଲିଜ ନ କରି ଲାଞ୍ଚ ମାଗିବା ମାମଲାର ଶନିବାର ଶୁଣାଣି ହୋଇଛି। ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଅଶ୍ୱିନୀ କୁମାର ନାଏକ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ବିଚାରକୁ ନେଇ ରାଉରକେଲା ସେକ୍ଟର-୩ ମହିଳା ଥାନାର ପୂର୍ବତନ ଏଏସ୍‌ଆଇ ବୁଧନୀ ମିଞ୍ଜଙ୍କୁ ୨ବର୍ଷ ଜେଲ୍‌ ଦଣ୍ଡାଦେଶ ଏବଂ ୫ ହଜାର ଟଙ୍କା ଜରିମାନା ପାଇଁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୩ ମାସ ଜେଲ୍‌ ଦଣ୍ଡ ପାଇଁ ଆଦେଶ ରହିଛି। ବୁଧନୀ ମିଞ୍ଜ ବର୍ତ୍ତମାନ କେନ୍ଦୁଝର ଜିଲା ପୋଲିସ ମୁଖ୍ୟାଳୟରେ ଏସ୍‌ଆଇ ଭାବେ କାର୍ଯ୍ୟରତ ଅଛନ୍ତି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଧର୍ମେଶ କୁମାର ପଟେଲ ଉକ୍ତ ମାମଲା ପରିଚାଳନା କରିଥିଲେ।

ସୂଚନା ଅନୁସାରେ, ଏକ ଦମ୍ପତି ପାରିବାରିକ ମାମଲାରେ ଜେଲ୍‌ରେ ବିଚାରାଧୀନ ବନ୍ଦୀ ଜୀବନ କାଟୁଥିଲେ। ବୃଦ୍ଧ ମାତାପିତାଙ୍କ ଜାମିନ ପାଇଁ ସନ୍ତୋଷ କୁମାର ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ମାମଲା ବିଚାରକୁ ନେଇ ଉଚ୍ଚ ନ୍ୟାୟାଳୟ ଉକ୍ତ ଦମ୍ପତିଙ୍କୁ ଜାମିନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସନ୍ତୋଷ ନିର୍ଦ୍ଦେଶନାମା ଧରି ୨୦୦୭ ଜାନୁଆରୀ ୭ରେ ରାଉରକେଲା ମହିଳା ଥାନାକୁ ଯାଇଥିଲେ ଏବଂ ଜାମିନ ପ୍ରକ୍ରିୟା ଆରମ୍ଭ କରିବାକୁ ଥାନାଧିକାରୀଙ୍କୁ ଅନୁରୋଧ କରିଥିଲେ। ତେବେ ଥାନାଧିକାରୀ ୧୦ହଜାର ଟଙ୍କା ଲାଞ୍ଚ ନ ଦେଲେ ଜାମିନ ମିଳିବନି ବୋଲି ସିଧାସଳଖ ଶୁଣାଇ ଦେଇଥିଲେ। ସନ୍ତୋଷ ସେଦିନ ନିରାଶ ହୋଇ ଫେରି ଯାଇଥିଲେ। ପରଦିନ ସେ ପୁନର୍ବାର ଥାନାରେ ପହଞ୍ଚି ନେହୁରା ହେବାରୁ ଥାନାଧିକାରୀ ୫ ହଜାର ଟଙ୍କା ନେଇ ଜାମିନ କରିବାକୁ ସମ୍ମତି ପ୍ରକାଶ କରିଥିଲେ। ପରେ ସନ୍ତୋଷ ଏ ନେଇ ଭିଜିଲାନ୍ସର ଦ୍ୱାରସ୍ଥ ହେବାରୁ ଅଭିଯୁକ୍ତଙ୍କୁ କାବୁ କରିବା ପାଇଁ ଭିଜିଲାନ୍ସ ଯୋଜନା କରିଥିଲା।

ଯୋଜନା ମୁତାବକ, ସନ୍ତୋଷ ଜାନୁଆରୀ ୯ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ୩୫ ମିନିଟ୍‌ରେ ମହିଳା ଥାନାରେ ପହଞ୍ଚିଥିଲେ। ସେତେବେଳେ ଥାନାଧିକାରୀ ଅନୁପସ୍ଥିତ ଥିଲେ ଏବଂ ଫୋନ ମାଧ୍ୟମରେ ଲାଞ୍ଚ ବାବଦ ୫ ହଜାର ଟଙ୍କା ରଖିବାକୁ ଏଏସ୍‌ଆଇ ବୁଧୁନୀ ମିଞ୍ଜଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଏସ୍‌ଆଇ ମିଞ୍ଜ ଲାଞ୍ଚ ଅର୍ଥ ଗ୍ରହଣ କରିବା ସମୟରେ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରିଥିଲେ। ଏ ନେଇ ଥାନାଧିକାରୀ ଓ ଏଏସ୍‌ଆଇ ମିଞ୍ଜଙ୍କ ନାଁରେ ଭିଜିଲାନ୍ସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲା ତଦନ୍ତାଧୀନ ସମୟରେ ଥାନାଧିକାରୀଙ୍କ ପରଲୋକ ଘଟିଥିଲା।

# ବିଭିନ୍ନ ସମସ୍ୟାକୁ ନେଇ କଂଗ୍ରେସର ସାଧାରଣ ସଭା

ନୂଆପଡା ଅଫିସ,୧୮।୯

ନୂଆପଡା ଜିଲା କୋମନା ବ୍ଲକ ଯୁବ କଂଗ୍ରେସ କମିଟି ସଭାପତି ନରେନ୍ଦ୍ର ନାଗଙ୍କ ସଭାପତିତ୍ୱରେ କୋମନା ବ୍ଲକ ଗଣାମେର ପଞ୍ଚାୟତ ଲର୍କି ଗାଁଠାରେ ଯୁବ କଂଗ୍ରେସ ଦ୍ୱାରା ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବୃକ୍ଷ ରୋପଣ କରିବା ସହିତ ଗ୍ରାମର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଜିଲା ପ୍ରଶାସନ ପାଖରେ ଉପସ୍ଥାପନ କରି ଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ଦାବି କରାଯିବ ବୋଲି ସ୍ଥିରିକୃତ ହୋଇଥିଲା। ଏହି ବୈଠକରେ ଜିଲା ଯୁବ କଂଗ୍ରେସ ପ୍ରଭାରୀ ସାହେବ ମହମ୍ମଦ, ଜିଲା ଯୁବ କଂଗ୍ରେସ ସଭାପତି କପିଳେନ୍ଦ୍ର ଭୋଇ, ନୂଆପଡା ବିଧାନସଭା ଯୁବ କଂଗ୍ରେସ ସଭାପତି ଶାହରୁଖ ଖାନ, ଖଡିଆଳ ଯୁବ କଂଗ୍ରେସ ସଭାପତି ଚନ୍ଦ୍ରଶେଖର ତାଣ୍ଡି, କୋମନା ବ୍ଲକ ସଭାପତି କୈଳାସ ଚନ୍ଦ୍ର ବାଗ, ଜିଲା ଯୁବ କଂଗ୍ରେସ ସମ୍ପାଦକ ଜୟଦେବ ମାଝି, ପ୍ରେମ ତାଣ୍ଡି, ଲକ୍ଷପତି ସୁନା, ଭିକାରୀ ତାଣ୍ଡି, ଲିପୁ ବେହେରା ପ୍ରମୁଖ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଭେଟିଲେ ଅଞ୍ଚଳବାସୀ

ଦେଓଗାଁ, ୧୮।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜ୍ଜୁନପୁରରେ ବିଦ୍ୟୁତ୍‌ ସମସ୍ୟାର ସମାଧାନ ପାଇଁ ଏକ ୩୩ /୧୧କେଭି ଗ୍ରୀଡ ସ୍ଥାପନ ର ଆବଶ୍ୟକତା ରହିଛି। ଏ ନେଇ ଶନିବାର ବଡଙ୍ଗୋମୁଣ୍ଡାସ୍ଥିତ ଉତାଜାହାଜ ପଡିଆଠାରେ ଓଡିଶା ସରକାରଙ୍କ ଶକ୍ତି ବିଭାଗ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେରଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ସଚିବ ଧଳଙ୍କୁ ସାକ୍ଷାତ କରି ଅଞ୍ଚଳରେ ବିଦ୍ୟୁତ୍‌ ସମସ୍ୟା ଯୋଗୁ ଉନ୍ନତିମୂଳକ କାର୍ଯ୍ୟ ବିଶେଷ କରି କୃଷିକ୍ଷେତ୍ରରେ ସମସ୍ୟା ହେଉଛି ତାହା ଅବଗତ କରିଥିଲେ । ଏଣୁ ଅଗ୍ରାଧିକାର ଭିତ୍ତିରେ ଅର୍ଜ୍ଜୁନପୁରଠାରେ ୩୩ /୧୧କେଭି ବିଦ୍ୟୁତ ଗ୍ରୀଡ ସ୍ଥାପନ ପାଇଁ ଦାବି ଜଣାଇଥିଲେ । ଏହି ଅବସରରେ ବଡବାହାଲ ସରପଞ୍ଚ ଜୟ ରଣା, ବିଜୁ ଯୁବ ଜନତା ଦଳ ବ୍ଲକ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଭୋଜରାଜ ରଣା, ପୀତାମ୍ବର ମିଶ୍ର, ଲମ୍ବୋଦର ରଣା, ହୃଦାନନ୍ଦ ଗଡତ୍ସା, ସଞ୍ଜୀବ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଶକ୍ତି ବିଭାଗ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଅବରୋଧ ହଟାଇବାକୁ ତହସିଲ ଅଫିସ ଘେରାଉ

ବିନିକା,୧୮।୯(ଡି.ଏନ୍‌.ଏ.)

- ଅଟକିଛି ମିଶ୍ରପାଲି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ
- ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ଅନୁଦାନ ରାଶି ପଡି ରହିଛି
- ତଦନ୍ତ ପରେ ପଦକ୍ଷେପ ନିଆଯିବ: ତହସିଲଦାର

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ୧୨ନମ୍ବର ୱାର୍ଡ ଅନ୍ତର୍ଗତ ମିଶ୍ରପାଲିରେ ଏକ ମିନି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ଅର୍ଥରାଶି ମଞ୍ଜୁର ହୋଇଛି। ମାତ୍ର ନିର୍ମିତ ହେବାକୁ ଥିବା ଅଙ୍ଗନୱାଡି କେନ୍ଦ୍ରର ପ୍ରବେଶ ରାସ୍ତା ଅବରୋଧ ହୋଇଛି। ଏଥିଯୋଗୁ କାମ ଆରମ୍ଭ ହୋଇପାରୁ ନାହିଁ। ସମସ୍ୟାର ସମାଧାନ ଦାବି କରି ଶନିବାର ଅଙ୍ଗନୱାଡି କର୍ମୀ ରାଜେଶ୍ୱରୀ ଷାଣ୍ଡଙ୍କ ସହିତ ମିଶ୍ରପାଲିର ବସନ୍ତ ମୁଣ୍ଡା, ଦିଲୀପ ଲବଣୀ, ଗଣେଶ ନାଗ, ଉଗ୍ରେସନ ମୁଣ୍ଡା, ଝୁନା ଚିରଗୁଣୀ, ସମାରୁ ଲବଣୀଙ୍କ ସହ ଶତାଧିକ ବ୍ୟକ୍ତି ବିନିକା ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ।

ସେମାନଙ୍କ କହିବା ମତେ ନିର୍ମାଣ ହେବାକୁ ଥିବା ମିନି ଅଙ୍ଗନୱାଡି କେନ୍ଦ୍ର ଓ ପାରିପାର୍ଶ୍ୱିକ ଅଞ୍ଚଳ ବିନିକା ରାଜସ୍ୱ ବିଭାଗ ଖାତା ନଂ-୩୧, ପ୍ଲଟ ନଂ-୪୧ କିସମ ଗୋଚର ରହିଛି । ମୋଟଜମି





ବିନିକା ତହସିଲ ଅଫିସ ଆଗରେ ମିଶ୍ରପାଲି ବାସୀନ୍ଦା।

୪ଏକର ୭୧୫ ଡିସମିଲ ରହିଛି। ସେଥିରୁ ମାତ୍ର ୫ଡିସିମିଲ ଜମି ଅଙ୍ଗନୱାଡି ଗୃହ ନିର୍ମାଣ ଓ ଖେଳ ପଡିଆ ପାଇଁ ମିଶ୍ରପାଲି ବାସିନ୍ଦା ନିଜ ଅଧୀନରେ ରଖିଛନ୍ତି। ମାତ୍ର କିଛିଦିନ ପୂର୍ବେ ଏନ୍‌ଏସିରୁ ମିଶ୍ରପାଲିର ଦୁଇଜଣ ବ୍ୟକ୍ତିଙ୍କୁ ଉପରୋକ୍ତ ପ୍ଲଟ ନଂ-୪୧ର ଆଗପଟେ ଏଲ୍‌ଆରସି ପଟ୍ଟା, ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ନିୟମ ମୁତାବକ ପାଇଥିବା ପ୍ଲଟରେ ଉଭୟ ବ୍ୟକ୍ତି ଗୃହ ନିର୍ମାଣ କରିବା କଥା। ମାତ୍ର ପାଇଥିବା ପ୍ଲଟ ପରିବର୍ତ୍ତେ ସେମାନେ ଅନ୍ୟ ସ୍ଥାନରେ ଗୃହ ନିର୍ମାଣ କରିବା ଆରମ୍ଭ କରିଛନ୍ତି। ଯେଉଁ ସ୍ଥାନରେ ଉଭୟ ବ୍ୟକ୍ତି ଗୃହ ନିର୍ମାଣ କରୁଛନ୍ତି ତାହା ମିନି ଅଙ୍ଗନବାଡି କେନ୍ଦ୍ରକୁ ଯିବାର ଏକମାତ୍ର ପ୍ରବେଶ ମାର୍ଗ । ଏଣୁ ଏହାକୁ ବିରୋଧ କରି ସେମାନେ ତହସିଲ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିବା କହିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ ପାଇଁ ତହସିଲଦାର ଅଲେଖ ଘୁଟାଙ୍କ ନିକଟରେ ଦାବି କରିଥିଲେ। ପରେ ତହସିଲଦାର ଘୁଟାଙ୍କ ସହ ମିଶ୍ରପାଲି ବାସିନ୍ଦା ରାସ୍ତା ଅବରୋଧସ୍ଥଳକୁ ଯାଇଥିଲେ। ହେଲେ ସେଠାରେ ଅବରୋଧକାରୀଙ୍କ ସହିତ ପଡାବାସୀଙ୍କର ଯୁକ୍ତିତର୍କ ହୋଇଥିଲା। ଏପରିକି ରାସ୍ତା ଅବରୋଧକାରୀ ପରିବାରର କେତେକ ମହିଳା ପଡାର ଗଣେଷ ମୁଣ୍ଡାଙ୍କୁ ମାରପିଟ କରିଥିଲେ। ବିନିକା ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ବିଧିବଦ୍ଧ ତଦନ୍ତ ପରେ ବିହିତ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ଘୁଟା କହିଛନ୍ତି।

## କୋଇଲା ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ

ପଲମ,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଦେହେଲି ଗ୍ରାମର ବୁଲାଣି ରାସ୍ତାରେ ଶନିବାର ଅପରାହ୍ଣ ପ୍ରାୟ ଗୋଟାଏ ସମୟରେ ଏକ କୋଇଲା ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି । ବିଶାଖାପାଟଣାଠାରୁ କୋରବା ଅଭିମୁଖେ ଯାଉଥିବା ଏହି ଟ୍ରକ ( ନଂ ଏପି୨୬ଟିଏଫ୍ ୬୨୩୯) କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା କଡର ଧାନ ବିଲକୁ ଖସି ପଡିଥିଲା । ଦେହେଲି ଗ୍ରାମର କେତେଜଣ ବ୍ୟକ୍ତି ଦୁର୍ଘଟଣା ସ୍ଥଳରେ ପହଞ୍ଚି ଟ୍ରକର କାଚ ଭାଙ୍ଗି ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରି ନର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଡ୍ରାଇଭର ଓ ହେଲପର ସାମାନ୍ୟ ଆହତ ହୋଇଛନ୍ତି । ଖବରପାଇ ନର୍ଲା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାଯାଏ ।

**ସଂକ୍ଷେପରେ**

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୧ ମୃତ, ଜଣେ ଗୁରୁତର

କୁଆଁରମୁଣ୍ଡା,୧୮।୯(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କୁଆଁରମୁଣ୍ଡା-ହାତୀବାରି ରୋଡର କାଲୋସିହିରିଆ ସ୍କୁଲବସ୍ତି ନିକଟରେ ଶନିବାର ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଉଛନ୍ତି ପୁଟ୍ରିଖମଣ ପଞ୍ଚାୟତର ବିଜେଡ଼ି ନେତା ବିକ୍ରମ ମିର୍ଦ୍ଧା(୫୦) ଓ ଅନ୍ୟ ଆହତ ଜଣଙ୍କ ହେଉଛନ୍ତି ସେହି ପଞ୍ଚାୟତର ଅଜିତ୍ ଲାକ୍ରା(୩୯)। ଉଭୟ ଏକ ବାଇକ୍ ଓଆର୧୪ୱାଇ ୧୫୨୪ ଯୋଗେ କୁଆଁରମୁଣ୍ଡାରୁ ନିଜ ଗ୍ରାମ ପୁଟ୍ରିଖମଣ ପଞ୍ଚାୟତର ଘଘାରି ଗ୍ରାମକୁ ଯାଉଥିଲେ। ହେଲେ ବିପରୀତ ପାର୍ଶ୍ୱରୁ ଏକ ପଲସର ବାଇକ୍ ଓଡି ୧୪ ଡବ୍ଲ୍ୟୁ ୦୮୫୬ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ପୋଲିସ ପଲସରରେ ଥିବା ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଧକ୍କା ଦେଇଥିବା ପଲସର ଚାଳକ ଓ ପଛରେ ବସିଥିବା ଅନ୍ୟ ଜଣେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଓ ବଲଣ୍ଡା ଅଞ୍ଚଳର ବୋଲି ଜଣାପଡ଼ିଛି। ଖବର ପାଇ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ୨ଜଣଙ୍କୁ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ। ହେଲେ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ନାବାଳିକାଙ୍କ ଆତ୍ମହତ୍ୟା ଉଦ୍ୟମ: ପ୍ରେମିକ ଗିରଫ

ଦେବଗଡ/ରିଆମାଳ,୧୮।୯(ଡି.ଏନ.ଏ)- ପ୍ରେମ ପ୍ରତାରଣାର ଶିକାର ହୋଇ କୁଣ୍ଢେଇଗୋଲା ଥାନାଞ୍ଚଳର ଜଣେ ନାବାଳିକା ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ପରିବାର ଲୋକଙ୍କ ଅଭିଯୋଗ କ୍ରମେ କୁଣ୍ଢେଇଗୋଲା ଥାନା ପୋଲିସ ଅଭିଯୁକ୍ତ ପ୍ରେମିକଙ୍କୁ ଗିରଫ କରିଛି। କୁଶକୁଲିଆ ଗ୍ରାମର ପରମାନନ୍ଦ ଗଡନାୟକଙ୍କ ପୁଅ ମନୋଜ ଜଣେ ନାବାଳିକା ସହ ପ୍ରେମ ସମ୍ପର୍କ ସ୍ଥାପନ କରିବା ପରେ ବିବାହର ପ୍ରତିଶୃତି ଦେଇ ଶାରିରୀକ ସମ୍ପର୍କ ସ୍ଥାପନ କରି ଆସୁଥିଲେ। ଏହି କ୍ରମରେ ଗତ ମଙ୍ଗଳବାର ନାବାଳିକା ଜଣକ ପ୍ରେମିକ ମନୋଜଙ୍କୁ ବିବାହ ପାଇଁ ଫୋନ ଯୋଗେ କଥାବାର୍ତ୍ତା ବେଳେ କହିବାରୁ ମନୋଜ ନାବାଳିକାଙ୍କୁ ବିବାହ ପାଇଁ ରୋକଠୋକ ମନା କରି ଦେଇଥିଲେ। ଫଳରେ ନାବାଳିକା ଜଣକ ମାନସିକ ଭାବେ ଭାଙ୍ଗି ପଡି ବୁଧବାର ସକାଳେ ଘରେ ଥିବା କୀଟନାଶକ ପାନ କରି ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ । ପରିବାର ଲୋକେ ଏହା ଜାଣିବା ପରେ ନାବାଳିକାଙ୍କୁ ଚିକିତ୍ସା ନିମନ୍ତେ କଣିହା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେହିପରି ନାବାଳିକାଙ୍କ ମାମୁଁ ଅଭିଯୁକ୍ତ ମନୋଜ ଘରକୁ ଯାଇ ଘଟଣା ସମ୍ପର୍କରେ କହିବାରୁ ମନୋଜ ଉତ୍ତ୍ୟକ୍ତ ହୋଇ ଆକ୍ରମଣ କରିବା ସହ ତାଙ୍କ ସ୍କୁଟି ଭାଙ୍ଗି ପକାଇଥିଲା । ନାବାଳିକା ସୁସ୍ଥ ହୋଇ ଶୁକ୍ରବାର ଘରକୁ ଫେରିବା ପରେ ତାଙ୍କ ପିତାଙ୍କ ଅଭିଯୋଗ କ୍ରମେ କୁଣ୍ଢେଇଗୋଲା ଥାନା ପୋଲିସ ଅଭିଯୁକ୍ତ ମନୋଜ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଗିରଫ କରିଛି।

# ସମ୍ବଲପୁରୀ ନାଚ, ଗୀତ, ଫ୍ୟାଶନ ଶୋ' ମନ ମୋହିଲା





ଭେଟଘାଟ୍ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନାଚ, ଗୀତ ଓ ଅତିଥି।

## ସୁନ୍ଦରଗଡ଼ କଳାକାର ମଞ୍ଚ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

ସୁନ୍ଦରଗଡ଼, ୧୮।୯ (ଡି.ଏନ୍.ଏ.)

ସୁନ୍ଦରଗଡ଼ କଳାକାର ମଞ୍ଚ ପକ୍ଷରୁ ସ୍ଥାନୀୟ ସିଭିକ ସେଣ୍ଟରଠାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି ଏବଂ ଜିଲାପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା, ଅଞ୍ଜନା ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭେଟଘାଟ୍ କାର୍ଯ୍ୟକ୍ରମରେ ପାରମ୍ପାରିକ ସମ୍ବଲପୁରୀ ନାଚ, ଗୀତ ଓ ପିନ୍ଧନ, ଓଢଣକୁ ନେଇ ସ୍ୱତନ୍ତ୍ର ଫେଶନ ଶୋ ଆଦି ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଓଡ଼ିଆ ଅଭିନେତା କୁନା ତ୍ରିପାଠୀ, ପ୍ରଦୀପ ଦତ୍ତ, ବିଜେଡି ନେତ୍ରୀ ସୁଲତା ଦେଓ, ଲୋପାମୁଦ୍ରା ବକ୍ସିପାତ୍ର ଓ ସୁନୀତା ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ପରେ ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସୁନ୍ଦରଗଡ଼ କଳାକାର ମଞ୍ଚ ପକ୍ଷରୁ ଉଦ୍ଧବ ଭିତ୍ରିଆ, ରୋଶନ ସାହୁ, ମନୋଜ ସାହୁ, ଶ୍ରୁତି ପଣ୍ଡା, ପ୍ରିୟଙ୍କା ଜେନା, ଗୋପାଳ ମିସ୍ତ୍ରୀ, ଲିପ୍‌ସା ଦାସ, ଅମନ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଜିଲା ଦୌରାଜଜ୍‌ଙ୍କ ଓକିଲ ସଂଘ ସହ ଆଲୋଚନା

ରାଜଗାଙ୍ଗପୁର, ୧୮।୯ (ଡି.ଏନ.ଏ.)

ଶନିବାର ସୁନ୍ଦରଗଡ ଜିଲା ଦୌରାଜଜ ପ୍ରଦୀପ ମହନ୍ତ ରାଜଗାଙ୍ଗପୁର ଗସ୍ତରେ ଆସି ରାଜଗାଙ୍ଗପୁର ଓକିଲ ସଂଘ ସହ ଏକ ଆଲୋଚନା ବୈଠକ ବସିଥିଲେ। ଏହି ବୈଠକରେ କରୋନା ପାଇଁ ଦୀର୍ଘଦିନ ଧରିକୋର୍ଟ ବନ୍ଦ ରହିଥିଲା। ବର୍ତ୍ତମାନ ସବୁ କୋର୍ଟ ଖୋଲି କିପରି ସୂଚାରୁ ରୂପେ କାର୍ଯ୍ୟ ପରିଚାଳନା କରାଯିବ ଏହି ସନ୍ଦର୍ଭରେ ଆଲୋଚନା ହୋଇଥିଲା। ଆଲୋଚନା ପରେ ଏହା ସ୍ଥିରିକୃତ ହୋଇଥିଲା ଯେ, ଆସନ୍ତା ୨୭ରୁ ରାଜଗାଙ୍ଗପୁରର ସମସ୍ତ କୋର୍ଟ କରୋନା କଟକଣା ଅନୁସରଣ କରି ଖୋଲି କାର୍ଯ୍ୟକାରି ହେବ ଓ ସାକ୍ଷ୍ୟ ଗ୍ରହଣ ମଧ୍ୟ ଆରମ୍ଭ ହେବ। ଏଥିପାଇଁ କୋର୍ଟ ସମସ୍ତ ସହଯୋଗ କରିବ। ଓକିଲ ସଂଘ ସମସ୍ତ କୋର୍ଟ କାର୍ଯ୍ୟ ଧିରେ ସୁସ୍ଥେ ଆରମ୍ଭ କରିବା ପାଇଁ ଅନୁରୋଧ କରିଥିଲେ ଓ ଏଥିସହିତ କୋର୍ଟରେ ଆଉ କିଛି କର୍ମଚାରୀ ଦେବା ପାଇଁ କହିଥିଲେ। ଏହି ଆଲୋଚନା ବୈଠକରେ ସଂଘର ସଭାପତି ଏମଡି ମହସିନ, ଉପସଭାପତି ଦିଲ୍ଲୀପ ସାହୁ, ସମ୍ପାଦକ ବିକାସ ସରପଟିଆ, ମନୋଜ ସାହୁ, ଦିବାକର ପ୍ରଧାନ, ରାଜୀବ ହାଲଦାର, ବିକ୍ରମ ପୃଷେଠ, ଅଶୋକ ପାଣିଙ୍କ ସମେତ ଅନ୍ୟ ଆଇନଜୀବୀ ଉପସ୍ଥିତ ଥିଲେ।

# ବିଲେଇନାଳି ଗ୍ରାମରେ କରମା ପୂଜା

ରିଆମାଳ,୧୮।୯(ଡି.ଏନ.ଏ)



ବିଲେଇନାଳି ଗ୍ରାମରେ ପବିତ୍ର କରମା ପୂଜା ହେଉଛି।

ରିଆମାଳ ବ୍ଲକ ତେନ୍ତଲାବାହାଲ ଗ୍ରାମ ପଞ୍ଚାୟତ ବିଲେଇନାଳି ଗ୍ରାମରେ ପବିତ୍ର କରମା ଉତ୍ସବ ପାଳିତ ହୋଇଯାଇଛି । ବନବାସୀ ମୁଣ୍ଡା ସମ୍ପ୍ରଦାୟ ଦ୍ୱାରା ଏହି ଉତ୍ସବକୁ ପୂର୍ବ ପରମ୍ପରା ଅନୁଯାୟୀ ମାଦଳ ବାଦ୍ୟ ଓ ନୃତ୍ୟଗୀତର ତାଳେତାଳେ ପାଳନ କରାଯିବା ସହ ମା' କରମସାନିଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସଭାପତି ରେବତୀ ମୋହନ ମୁଣ୍ଡା ଓ ସମ୍ପାଦକ ଶଙ୍କର ମୁଣ୍ଡଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଲମ୍ବୋଦର ମୁଣ୍ଡା ପୂଜକ ଦାୟିତ୍ୱ ତୁଲାଇଥିଲେ। ହୃଷିକେଶ ମୁଣ୍ଡା, ଭାଗିରଥୀ ମୁଣ୍ଡା, କରୁଣା ଧାଙ୍ଗର, ମହାଦେବ ଧାଙ୍ଗର, ବିମଳ ଧାଙ୍ଗର, ଭଗବାନ ମୁଣ୍ଡା,ଯାତ୍ରାକର ମୁଣ୍ଡା, ବୀଣାପାଣି ଧାଙ୍ଗର, ରତନୀ ମୁଣ୍ଡା, ସୀତା ମୁଣ୍ଡା, ଦୁର ମୁଣ୍ଡା, ସୁଲୋଚନା ଧାଙ୍ଗର, ଶିବ ଧାଙ୍ଗର, ରନ ମୁଣ୍ଡା ଓ ସାବିତ୍ରୀ ଧାଙ୍ଗର ପ୍ରମୁଖ ସହଯୋଗ କରିଥିଲେ ।

### ପ୍ରେମ ପ୍ରତାରଣା ଓ ହତ୍ୟା ଧମକ

ଦେବଗଡ଼/ରିଆମାଳ, ୧୮।୯(ଡି.ଏନ.ଏ)

କୁଣ୍ଢେଇଗୋଲା ଥାନା ଜରାଛାଟ ଗ୍ରାମର ଜଣେ ଯୁବକ ନିକଟସ୍ଥ ଏକ ଗାଁର ଜଣେ ନାବାଳିକା (ବର୍ତ୍ତମାନ ଯୁବତୀ)ଙ୍କୁ ବଳାତ୍କାର କରିବା ପରେ ବିବାହ ପ୍ରଲୋଭନ ଦେଖାଇ ଦୀର୍ଘବର୍ଷ ଶାରୀରିକ ସମ୍ପର୍କ ସ୍ଥାପନ କରିବା ପରେ ପ୍ରତାରଣା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ କୁଣ୍ଢେଇଗୋଲା ଥାନା ପୋଲିସ ଅଭିଯୁକ୍ତ ଯୁବକ ବିରୋଧରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ୬ ବର୍ଷ ପୂର୍ବେ କଣ୍ଢେଇଗୋଲା ଥାନା ଜରାଛାଟ ଗ୍ରାମର ରାଜେନ୍ଦ୍ର ସାହୁ ନାମକ ଜଣେ ଯୁବକ ପଡୋଶୀ ଗାଁର ନାବାଳିକାଙ୍କୁ ପ୍ରେମ ନିବେଦନ କରି ବିଫଳ ହେବାପରେ ଉକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏହା ପରେ ବୟସ ହେଲେ ବିବାହ କରିବା କହି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ମାତ୍ର ଗତ ୧୨ ତାରିଖ ରାଜେନ୍ଦ୍ର ଉକ୍ତ ଯୁବତୀ ଓ ତାଙ୍କ ପରିବାର ଲୋକଙ୍କୁ ବୋମା ପକାଇ ଉଡାଇଦେବ ବୋଲି ଧମକ ଦେଇଥିଲା । ଏନେଇ ୧୬ ତାରିଖରେ କୁଣ୍ଢେଇଗୋଲା ଥାନାରେ ଲିଖିତ ଅଭିଯୋଗ କରିବା ସହ ପ୍ରତାରକ ଯୁବକ ଘର ସମ୍ମୁଖରେ ଧାରଣାରେ ବସିଥିଲେ । ଫଳରେ ପୋଲିସ ଅଭିଯୁକ୍ତ ଯୁବକ ବିରୁଦ୍ଧରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇବା ସହ ଶନିବାର ପୀଡିତା ଯୁବତୀଙ୍କର ଡାକ୍ତରୀ ମାଇନା କରାଇଥିଲା । ମାତ୍ର ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଗିରଫ କରିପାରିନାହିଁ ।

### ଲହୁଣୀପଡ଼ା ବ୍ଲକରେ ସ୍ୱାସ୍ଥ୍ୟ ସ୍ମାର୍ଟକାର୍ଡ ବଣ୍ଟନ

ଲହୁଣୀପଡ଼ା,୧୭।୯(ଡିଏନଏ)

ସୁନ୍ଦରଗଡ଼ ଜିଲାରେ ପ୍ରତି ପଞ୍ଚାୟତରେ କିପରି ଲୋକଙ୍କୁ ନିଜ ପଞ୍ଚାୟତରେ ସୁବିଧାରେ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ସହ ଭୂମିହୀନ ପରିବାରକୁ ଜମି ପଟା ପରି ଅନ୍ୟାନ୍ୟ ସୁବିଧା ଲୋକମାନଙ୍କୁ ବଣ୍ଟାଯିବ ସେଥିପାଇଁ ୧୪ ତାରିଖଠାରୁ ଜିଲାର ପ୍ରତି ପଞ୍ଚାୟତରେ ମନ୍ତ୍ରୀମାନେ ଉପସ୍ଥିତ ରହି ସାଧାରଣ ଲୋକଙ୍କୁ କାର୍ଡ ବାଣ୍ଟିଥିଲେ। ଏହି ପ୍ରକ୍ରିୟା ଗତ ୧୪ରୁ ଆରମ୍ଭ କରି ୧୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଲହୁଣୀପଡା ବ୍ଲକ ପଡିଆଠାରେ ୧୪ ତାରିଖରେ ମନ୍ତ୍ରୀଙ୍କ ଉପସ୍ଥିତରେ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିଲା। ବିଭିନ୍ନ ପଞ୍ଚାୟତ ଗସ୍ତକରି କାର୍ଡ ବଣ୍ଟନ କରାଯିବାର ବ୍ୟବସ୍ଥା ଗ୍ରହଣ କରାଯାଇଥିବାର ଜଣାପଡ଼ିଛି। ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଲହୁଣୀପଡା ବ୍ଲକ ଗସ୍ତରେ ଆସି ଲହୁଣୀପଡା ବ୍ଲକ ପଡିଆରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଉଦଘାଟନ ଉତ୍ସବରେ ଯୋଗ ଦେବା ସହ ୪ ଦିନ ପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତ ତଥା ଶେଷ ପଞ୍ଚାୟତ ଭାବେ କଲେଇପୋଷରେ ଗସ୍ତକରି କରି ଲୋକଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିବା ଜଣାପଡିଛି।ଏହି ୪ ଦିନିଆ ଗସ୍ତରେ ଲହୁଣୀପଡା ବ୍ଲକର ଉପାନ୍ତ ଅଞ୍ଚଳର ପଞ୍ଚାୟତ ଗୁଡିକୁ ମନ୍ତ୍ରୀ ଗସ୍ତ କରି ଲୋକଙ୍କୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରି ଅତ୍ୟନ୍ତ ଖୁସି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ୪ ଦିନିଆ ମାରାଥନ ଗସ୍ତରେ ଅନ୍ୟ ମାନଙ୍କ ମଧ୍ୟରେ ଲହୁଣୀପଡା ବିଡ଼ିଓ ଧନାଇଚରଣ ଟୁଡୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପଣ୍ଡିତ ମୁଣ୍ଡା ସହ ବ୍ଲକର ଅନ୍ୟାନ୍ୟ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ।ଏହାର ଶେଷ ଦିବସରେ ବଣାଇଁ ଉପଜିଲାପାଳ ପ୍ରଦୀପ କୁମାର ଡାଙ୍ଗ ଓ ଜିଲା ଶ୍ରମିକ ସାମ୍ମୁଖ୍ୟ ସଭାପତି, ବରିଷ୍ଠ ଆଇନଜୀବୀ ତଥା ବିଜୁ ଶ୍ରମିକ ସମୁଖ୍ୟ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗଦେଇଥିଲେ।

# ସ୍ୱାସ୍ଥ୍ୟମନ୍ତ୍ରୀ ୧୫ ପଞ୍ଚାୟତରେ ସ୍ୱାସ୍ଥ୍ୟ ସ୍ମାର୍ଟକାର୍ଡ ବାଣ୍ଟିଲେ

ବଡ଼ଗାଁ, ୧୮।୯(ଡି.ଏନ୍.ଏ.)



ହିତାଧିକାରୀଙ୍କୁ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଉଛି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ୧୫ ପଞ୍ଚାୟତରେ ୧୪ରୁ ୧୭ ତାରିଖ ମଧ୍ୟରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରେ ସାମିଲ ହୋଇଥିବା ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ବଣ୍ଟନ କରିଛନ୍ତି। ୧୪ ତାରିଖ ମନ୍ତ୍ରୀ ତୁଡ଼ାଲଗାରେ ଖାଦ୍ୟ ସୁରକ୍ଷାରେ ସାମିଲ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କଲା ପରେ ଦାଣ୍ଡଜମରା ଓ ବଡ଼ଗା ପଞ୍ଚାୟତର ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ୪ଦିନ କାର୍ଡ଼ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ବଡ଼ଗାଁରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବରିଷ୍ଠ ନାଗରିକମାନେ ବଡ଼ଗାଁ ସିଏଚ୍‌ସିରେ ଦେଖାଦେଉଥିବା କେତେକ ସମସ୍ୟା ଉପରେ ଲିଖିତ ଜଣାଇଥିଲେ। ମନ୍ତ୍ରୀ ସମସ୍ୟା ଶୁଣିଲା ପରେ ଘଟଣାସ୍ଥଳରୁ ସିଡ଼ିଏମ୍‌ଓଙ୍କୁ ଜଣାଇଥିଲେ। ତେବେ ଏହି ସ୍ମାର୍ଟକାର୍ଡରେ ହିତାଧିକାରୀ କଟକ, ଭୁବନେଶ୍ୱର, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ପୁରୀ ଆଦି ଜିଲାର ୨୦୩ଟି ମେଡ଼ିକାଲରେ ଚିକିତ୍ସା ସୁବିଧା ପାଇବେ। ସୁନ୍ଦରଗଡ଼ ଜିଲାର ରାଉରକେଲାସ୍ଥିତ ହାଇଟେକ୍ ଓ ଜେପି ମେଡ଼ିକାଲ ଏହି ୨୦୩ ମେଡ଼ିକାଲ ମଧ୍ୟରେ ଅନ୍ତର୍ଭୁକ୍ତ।

# ଭଣଜା ଶବଦାହ କରିବାକୁ ଆସି ଶବ ପାଲଟିଗଲେ ମାମୁ

ଦେବଗଡ଼,୧୮।୯ (ଡି.ଏନ୍.ଏ.)

ଦେବଗଡ଼ ଜିଲା ବାରକୋଟ ବ୍ଲକ ମହାଜନମୁଣ୍ଡା ଗାଁରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ନିଜ ସମ୍ପର୍କୀୟ ଭଣଜାଙ୍କ ଶବ ଦାହ କରି ଘରକୁ ଫେରୁଥିବା ବେଳେ ପାଣିରେ ବୁଡି ମାମୁଁ ବୃନ୍ଦାବନପୁର ଗାଁର ସମରା ଧାଙ୍ଗରଙ୍କ ମୃତ୍ୟୁ ଘଟିଛି। ମହାଜନମୁଣ୍ଡା ଗାଁର ପବିତ୍ର ମୁଣ୍ଡାଙ୍କ ମୃତ୍ୟୁ ଖବର ପାଇ ଶବ ସତ୍କାର ପାଇଁ ଶନିବାର ସକାଳୁ ଆସିଥିଲେ। ସମରା ଶବ ସତ୍କାର କରି ଘରକୁ ଫେରୁଥିବାବେଳେ ଗାଁ ମୁଣ୍ଡରେ ଥିବା ଏକ ଛୋଟିଆ ନାଳରେ ପଡି ତାଙ୍କର ମୃତ୍ୟୁ ଘଟିଛି। ସେହି ରାସ୍ତା ଦେଇ ଶବ ସତ୍କାର କରି ଫେରୁଥିବା ଅନ୍ୟମାନେ ସମରାଙ୍କ ମୃତଦେହ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ସୂଚନା ପାଇ ଦେବଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବାସହ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଗୋବିରା ଟିମ୍ ଚାମ୍ପିୟନ



ପୁରସ୍କାର ବିତରଣୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ।

କୁଆଁରମୁଣ୍ଡା,୧୮।୯(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁମଝରିଆ ପଞ୍ଚାୟତର ବିଜାବାହାଲ ପଡିଆରେ ଚଳିତବର୍ଷ ନିର୍ମଳ ଲାକ୍ରା ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୮ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଅନ୍ତିମ ଦିବସରେ ଗୋବିରା ଓ ଲୋଡୋସେରା ଟିମ୍ ମଧ୍ୟରେ ସଂଘର୍ଷପୂର୍ଣ୍ଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ପେନାଲ୍ଟି ଗୋଲ ୧-୦ ରେ ଗୋବିରା ଟିମ୍ ବିଜୟୀ ହୋଇ ଚାମ୍ପିୟନ ଘୋଷିତ ହୋଇଥିଲା। ଲୋଡୋସେରା ଟିମ୍ ରନର୍ସ ଅପ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଅତିଥି ଭାବେ ବୀରମିତ୍ରପୁରର ପୂର୍ବତନ ବିଧାୟକ ଜର୍ଜ ତିର୍କୀ,ବୀରମିତ୍ରପୁର ପୌରପାଳିକାର ପୂର୍ବତନ ପୌରାଧ୍ୟକ୍ଷ ଶଶି ସାଗର, ଯୁବ କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, କୁମଝରିଆ ସରପଞ୍ଚ ବାତିଆ ଲାକ୍ରା ପ୍ରମୁଖ ମଞ୍ଚାସୀନ ରହି ଚାମ୍ପିୟନ ଟିମ୍ ଗୋବିରା ଓ ରନର୍ସ ଅପ ଲୋଡୋସେରା ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବୁଲୁ ଟପ୍ପୋ, ଦୁର୍ଗା ଟପ୍ପୋ, ପିଙ୍କୁ ସିଂ, ରତିଆ ଏକ୍କା, ହିମାଂଶୁ ରାଏ ପ୍ରମୁଖ ଉପସ୍ଥିତ ରହି ସଞ୍ଚାଳନ କରିଥିଲେ।

# ରେଙ୍ଗାଲବେଡ଼ା ଫୁଟ୍‌ବଲ ଦଳ ଚାମ୍ପିୟନ

ଦେବଗଡ଼,୧୮।୯(ଡି.ଏନ.ଏ)

ତିଲେଇବଣି ବ୍ଲକ ଢୋଲପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହେଟଖମାର ସ୍ଥିତ ଜନ କଲ୍ୟାଣ ଯୁବକ ସଂଘ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ୨ ଦିନିଆଁ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଢୋଲପଡା ଫୁଟବଲ ଦଳକୁ ଟ୍ରାଇବେକରରେ ପରାସ୍ତ କରି ସମ୍ବଲପୁର ଜିଲାର ରେଙ୍ଗାଲବେଡା ଫୁଟବଲ ଦଳ ଚାମ୍ପିୟନ ହୋଇଛି । ମ୍ୟାଚଗୁଡିକୁ ରେଫରୀ ଭାବେ କୁନ ସାହୁ, ପ୍ରଦୀପ ଭୋଇ, ନିଲୁ ସାହୁ ଓ ଟାଟା ବେହେରା ପରିଚାଳନା କରିଥିଲେ। ଅପରାହ୍ଣରେ ଢୋଲପଡା ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରତାପ ନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ଦିଲ୍ଲୀପ କୁମାର ନାୟକ ଯୋଗଦେଇ ଚାମ୍ପିୟନ ରେଙ୍ଗାଲବେଡା ଫୁଟବଲ ଦଳକୁ ନଗଦ ୫୫୫୫ ଟଙ୍କା ଓ ରନର୍ସ ଅପ୍ ଢୋଲପଡା ଫୁଟବଲ ଦଳକୁ ନଗଦ ୪୪୪୪ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ । ଭୁବନେଶ୍ୱର କୁଅଁର ଓ ବିବେକାନନ୍ଦ ଭୋଇ ମଞ୍ଚ ପରିଚାଳନା କରିଥିଲେ।

## ଦୁଇ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ



ଅତିଥିଙ୍କ ସହ ଖେଳାଳି।

ଆୟୋଜକ ଜନ କଲ୍ୟାଣ ଯୁବକ ସଂଘର ସମ୍ପାଦକ ଆକାଶ ସାହୁ ବିବରଣୀ ପାଠ କରିଥିଲେ । ଟୁର୍ନାମେଣ୍ଟ ଆୟୋଜନରେ ସୁରେଶ ଚନ୍ଦ୍ର ପାତ୍ର, ବିଶେଶ୍ୱର ନାୟକ, ନରେନ୍ଦ୍ର ରଣା, ବାପୁନ ସାହୁ ଓ ବିକାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଯୁବକ ସଂଘ ସଭାପତି ସତ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଯୁବକ ସଂଘର ସଭାପତି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା କୃଷକ ବିଜେଡି ସଭାପତି ଇଂ. ଚିତ୍ତରଂଜନ ପ୍ରଧାନ ଫିତାକାଟି ଏହି ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ନିକୁଞ୍ଜ ବିହାରୀ ରଣା, ଦିଲ୍ଲୀପ କୁମାର ନାୟକ, ଢୋଲପଡା ଗ୍ରାମ ପଂଚାୟତର ସରପଞ୍ଚ ପ୍ରତାପ ନାୟଣ ପାତ୍ର ଓ ଲଳିତ ମୋହନ ନାୟକ ମଞ୍ଚାସୀନ ଥିଲେ।

## ହୋଟେଲ ଛପର ପଡି ଦୁଇ ଆହତ

ଲହୁଣୀପଡ଼ା,(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ରାଜାମୁଣ୍ଡା ବାଇପାସ ନିକଟରେ ଥିବା ମାଆ ହୋଟେଲର ଶନିବାର ସନ୍ଧ୍ୟା ପ୍ରାୟ ୬ଟା ପରେ ହୋଟେଲ ଛପର ଭାଙ୍ଗି ଯିବାରୁ ଦୁଇଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ହୋଟେଲକୁ ଜଳଖିଆ କରିବା ପାଇଁ ବୁଢ଼ୀ କୁଟୁଣୀ ଗ୍ରାମର ବିଭୁ ପ୍ରସାଦ କିଷାନ ଯାଇଥିଲେ। ସେ ହୋଟେଲରେ ବସି ଜଳଖିଆ କରୁଥିବା ସମୟରେ ଖପର ଛପର ହଠାତ ଭାଙ୍ଗି ଯାଇଥିଲା।ଫଳରେ ବିଭୁ ପ୍ରସାଦ କିଷାନ ଉପରେ ଛପର ଧସି ପଡିବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ସହିତ ଥିବା ଅନ୍ୟଜଣେ ମଧ ଆହତ ହୋଇଥିବା ଜଣାପଡିଛି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଜିଲାସ୍ତରୀୟ ସନ୍ତରଣ ଚୟନ ଶିବିର, ଡା. ଝସକେତନ ସାହୁ ସୁଇମିଂ ପୁଲ, ସକାଳ ୮ଟା।
- ପ୍ରମୋଦ ତ୍ରିପାଠୀ ସ୍ମୃତି ସମ୍ମାନ ଉତ୍ସବ, ସମ୍ବଲପୁର କଳା କେନ୍ଦ୍ର, ପୂର୍ବାହ୍ନ ୯ଟା।
- ସମ୍ବଲଭୂମି ପକ୍ଷରୁ ବହୁଭାଷୀ କବିତା ପାଠୋତ୍ସବ, ଓଡ଼ିଶା ସାଂସ୍କୃତିକ ସମାଜ ସଭା କକ୍ଷ, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଖଣିଜ ପ୍ରତିଷ୍ଠାନ ଉନ୍ନୟନ ପାଣ୍ଠି ଖର୍ଚ୍ଚ ତଦାରଖ ପାଇଁ କମିଟିର ଗସ୍ତ



ଝାରସୁଗୁଡ଼ା ଅଫିସ,୧୮।୯: ଝାରସୁଗୁଡ଼ା ଜିଲା ଖଣିଜ ପ୍ରତିଷ୍ଠାନର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଜିଲାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଅର୍ଥ ବିନିଯୋଗ କରା ଯାଉଛି। ଏହାର ତଦାରଖ ପାଇଁ ଜିଲାପାଳ ସରୋଜ କୁମାର ସାମଲଙ୍କ ନିର୍ଦ୍ଦେଶ କ୍ରମେ କମିଟି ଗଠନ କରାଯାଇଛି। କମିଟିର ମୁଖ୍ୟ ଭାବେ ଅତିରିକ୍ତ ଜିଲାପାଳଙ୍କୁ ରଖାଯାଇଛି। ଶନିବାର ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତଙ୍କ ନେତୃତ୍ୱରେ କମିଟିର ୩ଜଣ ସଭ୍ୟ ଅଚାନକ ସହରର ସୁଲଦିଆ ବୃଦ୍ଧାଶ୍ରମ ପରିଦର୍ଶନରେ ଯାଇଥିଲେ। ଏହି କମିଟିରେ ଶିକ୍ଷାବିତ୍ କବିତା ପଣ୍ଡା, ଅବସରପ୍ରାପ୍ତ ମାନବସମ୍ବଳ ବିଭାଗର ଜୀବନ ମହାନ୍ତି, ଜିଲା ଖଣିଜ ପ୍ରତିଷ୍ଠାନ ବିଭାଗର ଟେକ୍ନିକାଲ ମ୍ୟାନେଜର ସୁବ୍ରତ କୁମାର ସ୍ୱାଇଁ ରହିଛନ୍ତି। ପରିଦର୍ଶନ ସମୟରେ କମିଟି ସଦସ୍ୟ ଅନ୍ତେବାସୀଙ୍କ ସୁବିଧାଅସୁବିଧା ପଚାରି ବୁଝିଥିଲେ। ଏହାର ସମାଧାନ ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୃଦ୍ଧାଶ୍ରମ ଭଡାଘରେ ଚାଲୁଥିବାରୁ ସରକାରୀ ଯାଗା ଦେବା ପାଇଁ ଅଧିକାରୀ କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ।

### କଳା, କ୍ରୀଡ଼ା ଶିକ୍ଷକଙ୍କ ଧାର୍ଯ୍ୟ ଦରମା ଦାବି

ସମ୍ବଲପୁର,୧୮।୯(ବ୍ୟୁରୋ): ସମ୍ବଲପୁର ଜିଲାର ସରକାରୀ ସ୍କୁଲରେ ଅସ୍ଥାୟୀ ଭାବେ କାର୍ଯ୍ୟରତ କଳା ଓ କ୍ରୀଡା ଶିକ୍ଷକମାନେ ଧାର୍ଯ୍ୟ ଦରମା ଦେବାକୁ ଦାବି କରିଛନ୍ତି। ଏହାକୁ ନେଇ ସାମୟିକ କଳା ଓ କ୍ରୀଡା ଶିକ୍ଷକ ସଂଘ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଦର୍ଶାଇଥିଲେ, ୨୦୧୭ରେ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ବର୍ଷତମାମ ଏକ ନିର୍ଦ୍ଦିଷ୍ଟ ପରିମାଣ ଦରମା ଦିଆଯାଉଥିଲା। ହେଲେ ପ୍ରାୟ ଏକବର୍ଷ ପରେ ତାହା ବନ୍ଦ କରି ଦିଆଯାଇଛି। ଏବେ ପରିବାର ଚଳାଇବା କଷ୍ଟକର ହୋଇପଡିଛି। ପୂର୍ବରୁ ୭ ହଜାର ଟଙ୍କା ଦରମା ରହିଥିଲା। ପିଏଫ୍ ଓ ଅନ୍ୟାନ୍ୟ କଟି ପ୍ରତି ମାସରେ ୫୪୧୨ ଟଙ୍କା ମିଳୁଥିଲା। ହେଲେ ଏବେ ଉକ୍ତ ଦରମା ଦିଆଯାଉନାହିଁ। ଓଡ଼ିଶା କଳା ଓ କ୍ରୀଡା ମହାସଂଘ ସମ୍ବଲପୁର ଶାଖା ସଭାପତି ଦିଲୀପ ପଣ୍ଡା, ଭାରତ ଗୌରବ ଦାସ, ଇତିଶ୍ରୀ ପାଣିଗ୍ରାହୀ, ସଙ୍ଗୀତା ଭୋଇ, ମୋହିତ କୁମାର ସ୍ୱାଇଁ, ରାଜଶ୍ରୀ ରାଉଳ, ସୁଚିତ୍ରା ଦାସ, ହିମାଂଶୁ ପ୍ରଧାନ, ପିଙ୍କି ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଜୀବନଶୈଳୀ ସହ ପରମ୍ପରା ଜଡ଼ିତ

## ଜିଲା ପ୍ରଶାସନର ନୂଆଁଖାଇ ଭେଟ

■ ବହୁଦିନ ପରେ ମଞ୍ଚରେ କଳାକାର

ସମ୍ବଲପୁର,୧୮।୯(ବ୍ୟୁରୋ)



ମଞ୍ଚରେ କଳାକାରଙ୍କ ନୃତ୍ୟ ପରିବେଷଣ।

ନୂଆଁଖାଇ ପରମ୍ପରା ଜୀବନଶୈଳୀ ସହ ଜଡିତ। କୃଷିଭିତ୍ତିକ ଏହି ପର୍ବ ପୁରପଲ୍ଲିରେ ସବୁ ବର୍ଗର ପରିବାର ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି। ଏହା ସଂସ୍କାର ଆଣିବା ସହ ପରିବାରକୁ ଏକଜୁଟ କରିଥାଏ। ପୂର୍ବରୁ ଏହା ପଶ୍ଚିମ ଓଡ଼ିଶାର ପର୍ବ ଭାବେ ଗଣତି ହେଉଥିଲା। ଏବେ ରାଜ୍ୟ, ଦେଶ ତଥା ଦେଶ ବାହାରେ ମଧ ଧୁମ୍‌ଧାମରେ ପାଳନ କରାଯାଉଛି।

ପ୍ରାୟ ୨ବର୍ଷ ହେବ କୋଭିଡ୍ କଟକଣା ପାଇଁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ହୋଇପାରୁ ନ ଥିଲା। ଏବେ ରାଜ୍ୟ ସରକାର କୋଭିଡ କଟକଣା ପାଳନ କରି କାର୍ଯ୍ୟକ୍ରମ କରିବାକୁ ନିୟମ କରିଛନ୍ତି। ତେଣୁ କଳାକାରମାନେ ମଞ୍ଚ ପାଇଛନ୍ତି ବୋଲି ତପସ୍ୱିନୀ ପ୍ରେକ୍ଷାଳୟରେ ଶନିବାର ନୂଆଁଖାଇ ଭେଟ କାର୍ଯ୍ୟକ୍ରମରେ ଅତିଥି ଓ କଳାକାରମାନେ ମତ ରଖିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ଡ. ଦୀପକ କୁମାର ମୁଖ୍ୟଅତିଥି ଓ ଜିଲାପାଳ ଶୁଭମ୍ ସକ୍‌ସେନା, ପିଡି ଡିଆର୍‌ଡିଏ ସୁକାନ୍ତ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଡ. ଶ୍ୟାମସୁନ୍ଦର ଧାର ନୂଆଁଖାଇର ମହତ୍ୱ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧବଳେଶ୍ୱର କରାଲୀଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ଡ୍ୟାନ୍ସ ଗ୍ରୁପ ଡାଲଖାଇ, ରସରକେଲି ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ବାମରା ବ୍ଲକର ବୁଦ୍ଧଦେବ ବୁଡୁଲାଙ୍କ ନେତୃତ୍ୱରେ ଆଦିବାସୀ ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ଆକାଶବାଣୀ କଳାକାର ମୋତିଲାଲ ଦୋରା ଓ ତାଙ୍କ ଦଳ ଲୋକ ସଙ୍ଗୀତ ପରିବେଷଣ କରିଥିଲେ। କୋଭିଡ କଟକଣା ପାଳନ କରି ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏସ୍‌ୟୁରେ ଅଫ୍‌ଲାଇନ ପରୀକ୍ଷାକୁ ବିରୋଧ

ସମ୍ବଲପୁର,୧୮।୯(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସୟୁ)ରେ ପିଏଚ୍‌ଡି ଓ ଏମ୍‌ଫିଲ୍ ପରୀକ୍ଷା ଅଫ୍‌ଲାଇନରେ କରିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏହାକୁ ଛାତ୍ରୀଛାତ୍ର ବିରୋଧ କରି କୁଳପତିଙ୍କୁ ଅଭିଯୋଗ କରିଛନ୍ତି। କୋଭିଡ୍ ସମୟରେ ଅଫ୍‌ଲାଇନ ପରୀକ୍ଷା ହେଲେ ସଂକ୍ରମଣ ଆଶଙ୍କା ରହିଛି। ଛାତ୍ରୀଛାତ୍ର ଅନ୍‌ଲାଇନ ମୋଡ୍‌ରେ ପାଠ ପଢିଥିଲେ। ଏପରି କି ନିଜର ଆସାଇନ୍‌ମେଣ୍ଟ ମଧ ଦାଖଲ କରିଥିଲେ। ଅନ୍‌ଲାଇନ ପାଇଁ ବହୁତ ସୁବିଧା ହେଉଥିଲା। ଅଫ୍‌ଲାଇନ ପରୀକ୍ଷା ହେଲେ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ରହୁଛି। ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ପରୀକ୍ଷା ଅଫ୍‌ଲାଇନ, ଅନ୍‌ଲାଇନ କିମ୍ବା ଉଭୟ ପ୍ରଣାଳୀରେ କରିପାରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏଠାରେ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଅନ୍‌ଲାଇନ ପରୀକ୍ଷା କରାଯାଉ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ରେଜିଷ୍ଟ୍ରାର ନୃପରାଜ ସାହୁ କହିଛନ୍ତି, ପିଏଚ୍‌ଡି ପରୀକ୍ଷା ଅନ୍‌ଲାଇନ ମାଧ୍ୟମରେ ହେବ। ସେମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ପେନାଲ ଗଠନ କରାଯାଉଛି ବୋଲି କହିଥିଲେ। ସେହିପରି ପରୀକ୍ଷା ନିୟନ୍ତ୍ରକ ଆର୍. ପାଣିଗ୍ରାହୀ କହିଛନ୍ତି, ଏମ୍‌ଫିଏଲ୍ ପରୀକ୍ଷା ପାଇଁ ସ୍ୱତନ୍ତ୍ର ଭାବେ କୌଣସି ସୂଚନା ଆସି ନ ଥିଲା। ତେଣୁ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ କୁଳପତି ପରାମର୍ଶ ମାଗିଥିଲେ। ଅନ୍‌ଲାଇନରେ କ୍ଲାସ ହେଉଥିବା ନେଇ ରିପୋର୍ଟ ମଧ ଆସିଥିଲା। ଏହାକୁ ନେଇ କୁଳପତି ସଞ୍ଜୀବ ମିତ୍ତଲ ଅନ୍‌ଲାଇନ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଥିଲେ। ସୂଚନାଯୋଗ୍ୟ ସେପ୍ଟେମ୍ବର ୨୪ ତରିଖଠାରୁ ଏମ୍‌ଫିଲ ପରୀକ୍ଷା ଆରମ୍ଭ ହେବ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଡ୍ରିମ୍ ଏକାଦଶ ଫାଇନାଲକୁ ପ୍ରବେଶ





ଟୁର୍ନାମେଣ୍ଟରେ ଖେଳାଳି ଓ ଅତିଥିମାନେ।

ସମ୍ବଲପୁର,୧୮।୯ (ବ୍ୟୁରୋ)

ହିନ୍ଦ୍ କ୍ଲବ ପକ୍ଷରୁ ଦ୍ୱିତୀୟ ଅମାନତ ଓ ଜହୁର ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଶନିବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ୮ଟି ଦଳର ୭ଟି ମ୍ୟାଚ ହୋଇଥିଲା। ପ୍ରଥମ ସେମିଫାଇନାଲ ସର୍ଲାକାନି ବନାମ ଡ୍ରିମ ଏକାଦଶ ମଧ୍ୟରେ ହୋଇଥିଲା। ଖେଳ ଅମୀମାଂସିତ ରହିବାରୁ ରେଫରି ଟାଇବ୍ରେକର ପଦ୍ଧତିର ଆଶ୍ରୟ ନେଇଥିଲେ। ଏଥିରେ ଡ୍ରିମ ଏକାଦଶ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ଦଳର ଗୋଲ ରକ୍ଷକ ଅଂଶୁ ଓରାମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। କର୍ଣ୍ଣ ବେହେରା, ମଥୁରା ଓରାମ, କାର୍ତ୍ତିକ ଓରାମ, ଲଲୋ ଓରାମ, ପଦ୍ମନାଭ ନାଏକ, ବଳରାମ ମଟାରି, ତୁଷାର ପରିଡା ଓ ସୟଦ ହ୍ରିଦୟତୁଲ୍ଲା ମ୍ୟାଚଗୁଡିକ ପରିଚାଳନା କରିଥିଲେ। ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଓ ରାଜେଶ ସେଠ, ଶେର ଅଲ୍ଲି ଖାନ, ଉମାପତି ତ୍ରିପାଠୀ, ଜନ ଖାଲକୋ, ଶେଖ ଇନାଉତୁଲ୍ଲା, ମହମ୍ମଦ ମଗବୁଲ, ମହମ୍ମଦ ଅଜଗର ଅଲ୍ଲି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ହିନ୍ଦ୍ କ୍ଲବର ମହମ୍ମଦ ରିୟାଜଉଦ୍ଦିନ, ମହେଶ ମୁନ୍‌ସୀ, ସୟଦ ଜିନ୍ଦାଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା।

## ଏକଦିବସୀୟ ଫୁଟ୍‌ବଲ: ସୁନ୍ଦରଗଡ଼ ବିଜୟୀ

ସମ୍ବଲପୁର,୧୮।୯(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ବରଗାଁ ଗ୍ରାମ ଖେଳପଡିଆରେ ରୋଟାରି କ୍ଲବ ପକ୍ଷରୁ ଶନିବାର ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮ ଗୋଟି ଦଳ ଭାଗ ନେଇଥିଲେ। ସମ୍ବଲପୁର ଓ ସୁନ୍ଦରଗଡ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫଳାଫଳ ନ ବାହାରିବାରୁ ଟାଇବ୍ରେକର ସାହାଯ୍ୟ ନିଆଯାଇଥିଲା। ୫-୪ ଗୋଲରେ ସୁନ୍ଦରଗଡ ଦଳ ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ସଭାରେ ରୋଟାରି କ୍ଲବ ସମ୍ବଲପୁର (ୱେଷ୍ଟ) ସଭାପତି ବିକାଶ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଓ ଶଙ୍କରଲାଲ ଅଗ୍ରୱାଲ, କହ୍ନେୟାଲାଲ ଅଗ୍ରୱାଲ, ସନ୍ତୋଷ ଅଗ୍ରୱାଲ, ମନୋଜ ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରାଜେଶ ପଟେଲ, ଦିଲୁ ନାଏକ, ପଞ୍ଚାନନ ପୋଢ, ନୀଳ ନାଏକ, ଅଶ୍ୱିନୀ ବେହିହା, ରାଜକୁମାର ମଣ୍ଡଳ, ଶିବୁ ଛତ୍ରୀ ମ୍ୟାଚଗୁଡିକ ପରିଚାଳନା କରିଥିଲେ।

# ବନ୍ଧାହେଲେ ଆର୍‌ଟିଓ ଅଫିସ୍‌ର ଭିଆଇପି ଦଲାଲ



ଗିରଫ ୨ ଅଭିଯୁକ୍ତ।

ଧରିତ୍ରୀ ପ୍ରଭାବ

ସମ୍ବଲପୁର,୧୮।୯(ବ୍ୟୁରୋ)

ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଟାଉନ ଥାନା ପୋଲିସ ଶନିବାର ପୁରୁଣା ଆର୍‌ଟିଓ ଅଫିସରେ ଚଢାଉ କରି ୨ଜଣ ଭିଆଇପି ଦଲାଲଙ୍କୁ ଗିରଫ କରିଛି। ସେମାନେ ହେଲେ ଟାଉନ ଥାନା ବିନାଖଣ୍ଡିର ଜନ୍ମଜୟ କଠାର (୪୪) ଓ ଶୁଭ୍ରାଂଶୁ ବନଛୋର (୩୪)। ଏମାନଙ୍କ ନିଟକରୁ ଗୋଟିଏ ଲାପ୍‌ଟପ, ଆର୍‌ଟିଓ ଅଫିସର କାଗଜପତ୍ର, ବିଭିନ୍ନ ଲୋକଙ୍କ ଆଧାର କାର୍ଡ ଜବତ ହୋଇଛି। ପୋଲିସ କହିବା ଅନୁସାରେ ଦଲାଲମାନେ ଲର୍ନିଂ ଲାଇସେନ୍ସ, ହେବି ଗାଡି ଚଳାଇବା ଲାଇସେନ୍ସ, ମାଲିକାନା ବଦଳାଇବା ଭଳି ଅଫିସ କାମ ପାଇଁ ଗ୍ରାହକ ଜୁଟାଉଥିଲେ। ଏହା ବଦଳରେ ସେମାନେ ସରକାରୀ ନିୟମଠାରୁ ଅଧିକ ଟଙ୍କା ଦାବି କରୁଥିଲେ। ହେଲେ ଧନୁପାଲି ଥାନା ନକ୍ସାପାଲି ଗ୍ରାମ ନିକଟରେ ଥିବା ନୂତନ ଆର୍‌ଟିଓ ଅଫିସରେ ସକ୍ରିୟ ଥିବା ଦଲାଲମାନଙ୍କୁ ମଧ ଗିରଫ କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ ଆର୍‌ଟିଓ ଅଫିସରେ ଭିଆଇପି ଦଲାଲ ଶୀର୍ଷକରେ ଅଗଷ୍ଟ ୪ ତାରିଖରେ ଧରିତ୍ରୀରେ ତଥ୍ୟ ସମ୍ବଳିତ ଖବର ପ୍ରକାଶ ପାଇଥିଲା। ଏହା ପରେ ଜିଲା ପୋଲିସର ନିଦ ଭାଙ୍ଗିଥିଲା। ଆର୍‌ଟିଓ ଅଫିସକୁ ଦଲାଲମୁକ୍ତ କରିବା ପାଇଁ ଏହି ଚଢାଉ ଜାରି ରହିବ ବୋଲି ପୋଲିସ କହିଛି।

# ଝାରସୁଗୁଡ଼ାରେ ସ୍ୱାଧୀନତାର ଅମୃତ ମହୋତ୍ସବ

ଝାରସୁଗୁଡ଼ା ଅଫିସ,୧୮।୯





ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ସାରା ଦେଶରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ ହୋଇଛି। ଝାରସୁଗୁଡା ଜିଲା ଖଣିଜପାଣ୍ଠି ସମ୍ମିଳନୀ କକ୍ଷରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଓ ଜିଲା କ୍ରୀଡା ଅଧିକାରୀ ସୁଶିଲ ମିଶ୍ର,ଏନ୍‌ସିସି ଅଧିକାରୀ ଉତ୍ତମ ହୋତା, ମାନସ ରଞ୍ଜନ ଆଚାର୍ଯ୍ୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ପ୍ରମୁଖ ସମ୍ମାନିତ ଅତିଥିମାନେ ଯୋଗଦେଇ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୁଖ୍ୟଅତିଥି ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ବକ୍ତବ୍ୟରଖି ମହାପୁରୁଷଙ୍କ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବଲପୁର ନେହେରୁ ଯୁବକେନ୍ଦ୍ର ଉପନିର୍ଦ୍ଦେଶକ ମାରିଆନୁସ ବିଲୁଙ୍ଗ ପରିଚାଳନା କରିଥିଲେ। ଏଥିରେ ଏକ ଶପଥପାଠ ଉତ୍ସବ କରାଯାଇଥିଲା। ପରେ ମୁଖ୍ୟଅତିଥି ପତାକା ଦେଖାଇ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ୨.୦ର ଶୁଭାରମ୍ଭ କରିଥିଲେ। ଏଥିରେ ଏଲ୍‌ଏନ୍ କଲେଜ ଏନ୍‌ସିସି, ମହିଳା କଲେଜ ଏନ୍‌ସିସି, ଏନ୍‌ଏସ୍‌ଏସ୍ ତଥା ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ଓ ୟୁଥ୍ କ୍ଲବ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ମହିଳା କଲେଜର ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ମୀନା ସୋନି ଧନ୍ୟବାଦ ଦେଇଥିଲେ।

# ପେରିୟାର ରାମସ୍ୱାମୀଙ୍କ ଜୟନ୍ତୀ

ସମ୍ବଲପୁର,୧୮।୯(ବ୍ୟୁରୋ)

ସମ୍ବଲପୁର ଜିଲା ଆଦିବାସୀ ଦଳିତ ସେନା ପକ୍ଷରୁ ପେରିୟାର ରାମସ୍ୱାମୀଙ୍କ ୧୪୨ତମ ଜୟନ୍ତୀ ପାନ୍ଥ ନିବାସଠାରେ ପାଳିତ ହୋଇଯାଇଛି। ଚାଷୀନେତା ଲିଙ୍ଗରାଜ ପ୍ରଧାନ ମୁଖ୍ୟଅତିଥି, ଲିଙ୍ଗେସ ଭୋସାଗର ସମ୍ମାନିତ ଅତିଥି ଓ କିଶୋର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଆଦିବାସୀଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ଅତିଥିମାନେ ମତ ଦେଇଥିଲେ। ଅନୁଷ୍ଠାନ ସଭାପତି ସୁବେଶ ମୁଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଉପସଭାପତି ନିହାଲ ସିଂ ପରିଚାଳନା କରିଥିଲେ। ଦୀପକ ପ୍ରଧାନ, ସୁରେଶ ବାଗ, ରୂପାଞ୍ଜଳି ରନବିଡା, ଦୀନେଶ ମୁଣ୍ଡା, ଭରତ ମଲ୍ଲିକ ସହଯୋଗ କରିଥିଲେ। ଶେଷରେ ନାରାୟଣ ସୁନା ଧନ୍ୟବାଦ ଦେଇଥିଲେ।

## ଫଟୋରେ ଖବର



ଶୁକ୍ରବାର ରାତିରେ ସମ୍ବଲପୁର ମୁଦିପଡାଠାରେ ଏକାଦଶୀ କରମା ପୂଜାର୍ଚ୍ଚନା କରାଯାଉଛି।

# ସ୍କୁଲ ବାରଣ୍ଡାରେ ଅସହାୟ ପରିବାର

## ଲଗାଣ ବର୍ଷାରେ ଭାଙ୍ଗିଲା ଘର

ରେଢାଖୋଲ,୧୮।୯ (ଡି.ଏନ.ଏ.)



ସ୍କୁଲ ବାରଣ୍ଡାରେ ବୃଦ୍ଧ ଦମ୍ପତି ଓ ସେମାନଙ୍କ ଦୁଇ ନାତି।

ଗତ କିଛିଦିନ ହେବ ଲଗାଣ ବର୍ଷା ଯୋଗୁ ଘର ଭାଙ୍ଗିଗଲା। ଅନ୍ୟ ଉପାୟ ନ ପାଇ ସ୍କୁଲ ବାରଣ୍ଡାରେ ରହୁଛନ୍ତି ପରିବାର। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ରେଢାଖୋଲ ବ୍ଲକ କଦଳିଗଡ ପଞ୍ଚାୟତର ମଧୁପୁର ଗ୍ରାମରେ। ଗ୍ରାମର ମିଲୁ ଜାନି (୬୭), ସ୍ତ୍ରୀ ଅମ୍ବୁଲ ଜାନି (୬୨) ତାଙ୍କର ୨ ଓ ୪ ବର୍ଷର ନାତିଙ୍କୁ ନେଇ ମଧୁପୁର ଗ୍ରାମରେ ଏକ ମାଟି ଚାଳ ଘରେ ରହୁଥିଲେ। ହେଲେ ଗତ ଲଗାଣ ବର୍ଷାରେ ତାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଘରେ ରହିବା ସମ୍ଭବ ନ ହେବାରୁ ଏହି ପରିବାର ଗାଁ ନିକଟ ପଣ୍ଡକିମାଳ ସ୍କୁଲ ବାରଣ୍ଡାରେ କିଛି ଦିନ ହେବ ଆଶ୍ରୟ ନେଇଛନ୍ତି। ମିଲୁଙ୍କ ଏକମାତ୍ର ପୁଅ ଓ ବୋହୂଙ୍କ ଗତ ୨ବର୍ଷ ହେବ ଅଜଣା ରୋଗରେ ମୃତ୍ୟୁ ହୋଇସାରିଛି। ବୃଦ୍ଧ ଦମ୍ପତି ୨ନାତିଙ୍କୁ ଧରି ଦୁଃଖ କଷ୍ଟରେ ରହୁଥିଲେ। ଝାଡୁ ତିଆରି କରି ବିକ୍ରି କରିବା ସହ ମୁଲ ମଜୁରି କରି ଚଳୁଥିଲେ। ଏପରି ସମୟରେ ଲଗାଣବର୍ଷା ସତେଯେପରି ଏହି ପରିବାର ପାଇଁ ଦାଉ ସାଧିଛି। ସରକାର ଗରିବ ଲୋକଙ୍କ ପାଇଁ ବହୁ ଯୋଜନା କରିଥିବା ବେଳେ ଏମାନଙ୍କ ପାଇଁ ତାହା ସାତସପନ। ତେବେ ସ୍କୁଲ ବାରଣ୍ଡାରେ ରହିବା ପରେ ପଞ୍ଚାୟତର ସରପଞ୍ଚ ୧୦ କେଜି ଚାଉଳ ଦେଇଥିବା କହିଛନ୍ତି। ଏମାନଙ୍କ ପାଇଁ ଆବାସ ଯୋଜନାରେ ଏକ ଘର ଯୋଗାଇ ଦେବା ସହ ୨ ଶିଶୁଙ୍କୁ ପାଠ ପଢାଇବା ଦିଗରେ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ପରିକ୍ଷିତ ସାହୁ କହିଛନ୍ତି, ସେ ନିଜେ ଯାଇ ଏହାର ତଦନ୍ତ କରିବା ସହ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବା ନେଇ ପଦକ୍ଷେପ ଗ୍ରହଣ କରାଯିବ।

## ପାନ ଦୋକାନରୁ ବିଦେଶୀ ମଦ ଜବତ

ବିନିକା,(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ଅବକାରୀ ବିଭାଗ ଶନିବାର ଶ୍ରୀରାମ ଡିଗ୍ରୀ କଲେଜ ସମ୍ମୁଖରେ ଥିବା ଏକ ପାନ ଦୋକାନରେ ଚଢାଉ କରି ୮.୨୮୦ ଲିଟର ବିଦେଶୀ ମଦ ଜବତ କରିଛି। ୧୮୦ ଏମଏଲ୍ ଲେଖାଏ ୪୬ଟି ବୋତଲରେ ଏହି ମଦ ରହିଥିଲା । ବେଆଇନଭାବେ ମଦ ରଖିବା ଅଭିଯୋଗରେ ବୀରେନ୍ଦ୍ର ସାହୁଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ଏ ନେଇ ଏକ ମାମଲା(ନଂ.୫୬/୨୧)ରୁଜୁ ହୋଇଛି। ଇନସପେକ୍ଟର ରାଧାକାନ୍ତ ଭୋଇନ୍, ଏଏସ୍ଆଇ କେଶବ ଧରୁଆ, ସବିତା ପଟ୍ଟନାୟକ, କାର୍ତ୍ତିକ ନାଏକଙ୍କ ନେତୃତ୍ୱରେ ଅବକାରୀ ବିଭାଗ ଟିମ୍ ଏହି ଚଢାଉ କରିଥିଲା।

**ସଂକ୍ଷେପରେ**

## ସମୟରେ ଖୋଲୁନି ଆଧାର କେନ୍ଦ୍ର

ଲାଠୋର,୧୮।୯(ଡି.ଏନ.ଏ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଆଧାର ପ୍ରସ୍ତୁତ କେନ୍ଦ୍ର ସମୟରେ ଖୋଲୁନାହିଁ। ଦାୟିତ୍ୱରେ ଥିବା ବ୍ୟକ୍ତି କେନ୍ଦ୍ରକୁ ନିଜ ମନ ମୁତାବକ ଖୋଲଛି। ଏଥିଯୋଗୁଁ ଆଧାର ପ୍ରସ୍ତୁତ ପାଇଁ କେନ୍ଦ୍ରକୁ ଯାଇ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହୋଇ ଫେରୁଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ଆଧାର ପ୍ରସ୍ତୁତ କେନ୍ଦ୍ର ରହିଛି। ଅପରେଟର ଦାୟିତ୍ୱରେ ଯଯାତି କିଶୋର ହେର୍ଣ୍ଣା ରହିଛନ୍ତି। ହେଲେ ସେ ନିଜ ମନ ମୁତାବକ କେନ୍ଦ୍ର ଖୋଲୁଛନ୍ତି। ଫଳରେ ଲୋକ ଅନ୍ୟନୋପାୟ ହୋଇ ବେସରକାରୀ କେନ୍ଦ୍ରକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏନେଇ ବିଡିଓ ରଶ୍ମି ରଞ୍ଜନ ରାଉତଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ରକ୍ତଦାନ କରି ଶିଶୁର ଜୀବନ ବଞ୍ଚାଇଲେ ସ୍ୱେଚ୍ଛାସେବୀ

ଦେଓଗାଁ, ୧୮।୯(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜଲିଆର ଜନୈକ ସ୍ୱେଚ୍ଛାସେବୀ ଶନିବାର ରକ୍ତଦାନ କରି ଏକ ଦେଢ଼ମାସର ଶିଶୁର ଜୀବନ ବଞ୍ଚାଇଛନ୍ତି । ଲୋଇସିଂହା ତଲିଉଡାର ରଘୁ ଭୋଇଙ୍କ ଦେଢ଼ ମାସର ଶିଶୁ ପ୍ରିନ୍ସକୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ ହସ୍ପିଟାଲ ଶିଶୁବିଭାଗରେ ଚିକିତ୍ସା କରାଉଥିବା ବେଳେ ରକ୍ତର ଆବଶ୍ୟକତା ପଡିଥିଲା। ଖବର ପାଇ ଦେଓଗାଁ ବ୍ଲକ ଜଲିଆର ଏନଏଫ ଆଇଡି ସ୍ୱେଚ୍ଛାସେବୀ ସଂଗଠନର ସୁରେଶ ବାରିକ ଓ ପଜିଟିଭ ରକ୍ତଦାନ କରିଥିଲେ । ଏହାକୁ ସଂଗଠନର ପ୍ରତିଷ୍ଠାତା ପ୍ରଭାତ କୁମାର ମହାନନ୍ଦ, ଶିବପ୍ରସାଦ ନାଗ ସହଯୋଗ କରିଥିଲେ ।

## ଜଳ ଜୀବିକା ମିଶନ ତରଫରୁ ସଚେତନତା କାର୍ଯ୍ୟକ୍ରମ

ନୂଆପଡା ଅଫିସ,୧୮।୯: ନୂଆପଡା ଜିଲା ସିନାପାଲି ବ୍ଲକ ଗଣ୍ଡାବାହାଲି ଗାଁରେ ଜଳ ଜୀବନ ମିଶନ ତରଫରୁ ଗ୍ରାମ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯାର ଅନୁଷ୍ଠାନର ସଭାପତି ମହେନ୍ଦ୍ର କୁମାର ଯୋଶୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଦିବାକର ଖମାରୀ ଯୋଗଦେଇ ଜଳ ଜୀବନ ମିଶନ ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ଗ୍ରାମ୍ୟ ଖସଡା ପ୍ରସ୍ତୁତ କରି ସବୁ ଗାଁକୁ ବିଶୁଦ୍ଧ ପାନୀୟ ଜଳ ନିୟମିତ ପାଇପ ଯୋଗେ ଯୋଗାଣ କରିବା ଓ ଜଳ ଜୀବନ ମିଶନର ସବୁ ଗାଁରେ ଗୋଟିଏ ଲେଖାଏ କମିଟି ଗଠନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲାର ଗଣ୍ଡାବାହାଲି ଗ୍ରାମରୁ ପ୍ରଥମ କମିଟି ଗଠନ ଆରମ୍ଭ ହୋଇଛି। ସଭାପତି ଗୁଣଧର ମେହେର, ସମ୍ପାଦକ କିସନ ମେହେର ଓ କୋଷାଧ୍ୟକ୍ଷ ଭାବେ ଜେମାମଣି ମେହେରଙ୍କୁ ଚୟନ କରାଯାଇଛି। ଜିଲାର ୬୪୭ ଗାଁରେ କମିଟି ଗଠନ ହେବ ବୋଲି ଜିଲା ସଂଯୋଜକ ଅରୁଣ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି ।

# ୧୭୦୫ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ

ସୋନପୁର,୧୮।୯(ନି.ପ୍ର.)

**ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ**

- ନୂଆ ବାଇକ୍ ବିକିଲେ ହେଲମେଟ୍ ଦେବ କମ୍ପାନୀ
- ଦୁର୍ଘଟଣା ହ୍ରାସ ପାଇଁ ଯାଞ୍ଚ କଡାକଡି

ସୁବର୍ଣ୍ଣପୁର ଜିଲାସ୍ତରୀୟ ସଡକ ସୁରକ୍ଷା କମିଟିର ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲି ସୁନିଲ ନରଓ୍ୱଣେ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସଡକ ଦୁର୍ଘଟଣା ହ୍ରାସ ପାଇଁ ଆଞ୍ଚଳିକ ପରିବହନ ବିଭାଗ ଓ ଜିଲା ପୋଲିସ ନିରନ୍ତର ଉଦ୍ୟମ ଜାରି ରଖିଥିବା ଆରଟିଓ ରବିନ ପଟ୍ଟନାୟକ ସୂଚନା ଦେଇଥିଲେ। ଜିଲାରେ ୨୦୧୯ ଫେବୃୟାରୀ ୧ତାରିଖରୁ ନୋ ହେଲମେଟ ନୋ ପେଟ୍ରୋଲ ନିୟମ ଲାଗୁ ହୋଇଛି। ଜନସାଧାରଣଙ୍କୁ ଟ୍ରାଫିକ୍ ନିୟମ ଓ ହେଲମେଟ୍ ପରିଧାନ ପାଇଁ ସଚେତନ କରାଯାଉଛି। ନିୟମ ମାନୁ ନ ଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରେ ସଫଳତା ମିଳିଛି। ଜାନୁୟାରୀରୁ ଜୁନ୍ ମାସ ଭିତରେ ଜିଲାରେ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଇ ୧୧.୧୧ରେ ପହଞ୍ଚିଛି। ଏ କ୍ଷେତ୍ରରେ ଏହି ଜିଲା ରାଜ୍ୟରେ ୧ ନମ୍ବର ସ୍ଥାନରେ ରହିଛି।

ଜିଲାପାଳ ନରଓ୍ୱଣେ ଜିଲାରେ କିଭଳି ସଡକ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ହ୍ରାସ ପାଇବ ସେ ନେଇ ନିରନ୍ତର ଉଦ୍ୟମ ଜାରି ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ମଦ୍ୟପାନ କରି ଡ୍ରାଇଭିଂ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦୁର୍ଘଟଣାର ଅନ୍ୟତମ କାରଣ ପାଲଟିଥିବା ବୁଲା ଗୋରୁ ଓ ବୁଲା କୁକୁରଙ୍କ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ନୂଆ ବାଇକ୍ ବିକ୍ରି ସମୟରେ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ହେଲମେଟ୍ ପ୍ରଦାନ ବାଧ୍ୟତାମୂଳକ କରାଯିବା ନେଇ ପ୍ରଶାସନ ପକ୍ଷରୁ ସମସ୍ତ ଡିଲରଙ୍କୁ ଚିଠି ଲେଖାଯାଇଛି। ଏହା କାର୍ଯ୍ୟକାରୀ ହେଲେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇବ। ସେହିପରି ଗତ ୮ ମାସରେ ଦ୍ରୁତ ଗତିରେ ଡ୍ରାଇଭିଂ, ଚାରିଚକିଆ ଯାନରେ ସିଟ୍ ବେଲ୍ଟ ନ ବାନ୍ଧିବା, ହେଲମେଟ୍ ପରିଧାନ ନ କରି ବାଇକ୍ ଚଳାଇବା, ମଦ୍ୟପାନ କରି ଡ୍ରାଇଭିଂ କରିବା ଓ ଡ୍ରାଇଭିଂ ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ଅଭିଯୋଗରେ ୧୭୦୫ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ(ସସପେଣ୍ଡ) କରାଯାଇଛି। ସମସ୍ତଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ଜିଲାରେ ଆହୁରି ବ୍ୟାପକ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ନୋ ହେଲମେଟ ନୋ ପେଟ୍ରୋଲ ନିୟମକୁ କଡାକଡି କରିବା ପାଇଁ ଏଣିକି ପେଟ୍ରୋଲ ପମ୍ପ ନିକଟରେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ମିଳିତ ଭାବେ ଯାଞ୍ଚ କରାଯିବ। ଜାତୀୟ ରାଜପଥ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କୁ ରାସ୍ତାରେ ଆବଶ୍ୟକୀୟ ସ୍ଥାନ ମାନଙ୍କରେ ହମ୍ପସ୍ ନିର୍ମାଣ ଓ ଗୁଡ୍ ସାମାରିଟାନ୍ସ ପଲିସିକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା ହୋଇଥିଲା। ବୈଠକରେ ଏଆରଟିଓ ଶିବାଶିଷ ସାହୁ, ଡିଏସ୍‌ପି ହେମସାଗର ନନ୍ଦ, ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗ, ବୀରମହାରାଜପୁର ଏସଡିପିଓ ଡୋଳାମଣି ଭୋଇ, ଡାକ୍ତର ତ୍ରିବିକ୍ରମ ପାଣ୍ଡିଆ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ୍ୟ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, କମିଟିର ସଭ୍ୟ ସ୍ୱାଧୀନ ମେହେର, ମୃତ୍ୟୁଞ୍ଜୟ ଶତପଥୀ, ପୁରୁଷୋତ୍ତମ ପାଣିଗ୍ରାହୀ ଓ ଅନଙ୍ଗ ନେଗୀ ପ୍ରମୁଖ ଯୋଗ ଦେଇଥିଲେ।

## ଗଡ଼ିଲା ବିଏସକେୱାଇ ସଚେତନତା ରଥ



ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରଥର ଶୁଭାରମ୍ଭ କରାଯାଉଛି।

ଲାଠୋର, ୧୮।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସକେୱାଇ)ରଥର ଶୁଭାରମ୍ଭ ହୋଇଛି। ଶନିବାର ବିଡିଓ ମନୋରଞ୍ଜନ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ସମୟରେ ସିଡିପିଓ ସରିତା ପଟ୍ଟନାୟକ, ଏମଓଆଇସି ସ୍ୱାଗତ ଖମାରୀ, ଇଫିକୋ ଅନୁଷ୍ଠାନର ବ୍ଲକ ସଂଯୋଜକ ବାଞ୍ଛାନିଧି ପାତ୍ର, ନବିନ୍ଦ୍ର ମେହେର, ଦୁର୍ମିଳା ପୁଟେଲ, କସ୍ତୁରୀ ଛତ୍ରିଆ ଉପସ୍ଥିତ ଥିଲେ। ସରକାରଙ୍କ ଜନହିତକର ଏହି ଯୋଜନାରୁ ଗରିବ ଲୋକ କିପରି ଉପକୃତ ହେବେ ତାହା ଉପରେ ରଥ ଗାଁକୁ ଗାଁକୁ ବୁଲି ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ସଚେତନ କରିବ। ପ୍ରଥମ ଦିନରେ ରଥ ବ୍ଲକ ଅଧୀନ କୁଇବାହାଲ, ମହୁଲପାଟି ଏବଂ ହଲନଭଟା ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକଙ୍କୁ ସଚେତନ କରିଥିବା ସୂଚନା ଦିଆଯାଇଛି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବୌଦ୍ଧ,୧୮।୯ (ସ୍ୱ.ପ୍ର.)

ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ମୁର୍ଷୁଣ୍ଡି ଛକଠାରେ ଏକ ମିନିଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସିପୁନ ମିଶ୍ର । ପ୍ରକାଶ ଯେ, ସୁବର୍ଣ୍ଣପୁର ଜିଲା ଖାରୀ ଅଞ୍ଚଳର ସିପୁନ ଶନିବାର ସକାଳେ ଏକ ବାଇକ୍ (ଓଡ଼ି ୧୭ ୨୧୮୪) ଯୋଗେ ବୌଦ୍ଧ ଆସୁଥିବା ବେଳେ ମୁର୍ଷୁଣ୍ଡି ଗ୍ରାମ ନିକଟରେ ଜଣେ ମହିଳା ହଠାତ୍ ରାସ୍ତା ଉପରକୁ ଚାଲି ଆସିଥିଲେ। ଫଳରେ ତାଙ୍କୁ ବଞ୍ଚାଇବାକୁ ଯାଇ ସେ ହଠାତ୍ ବ୍ରେକ୍ ମାରିବା ଯୋଗୁ ଭାରସାମ୍ୟ ହରାଇ ତଳେ ପଡି ଯାଇଥିଲେ। ସେହି ସମୟରେ ପଛପଟରୁ ଆସୁଥିବା ଏକ ମିନି ଟ୍ରକ (ଓଡ଼ି ୦୨ ଏବି ୨୨୨୫) ତାଙ୍କ ଉପରେ ଚଢି ଯାଇଥିଲା। ବାଇକ୍ ଆରୋହୀ ସିପୁନ ହେଲମେଟ ପିନ୍ଧିଥିବା ସତ୍ତ୍ୱେ ମିନି ଟ୍ରକ ଚାପାରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବୌଦ୍ଧ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲା। ମିନି ଟ୍ରକକୁ ପୋଲିସ ଜବତ କରିଛି।

## ରାଷ୍ଟ୍ରୀୟ ବେରୋଜଗାର ଦିବସ ପାଳନ

ବାଉଁଶୁଣୀ,୧୮।୯(ଡି.ଏନ.ଏ.)

ଶୁକ୍ରବାର ସନ୍ଧ୍ୟାରେ ବୌଦ୍ଧ ବ୍ଲକ ଗୁଦୁଗୁଦା ସାପ୍ତାହିକ ବଜାର ପ୍ରାଙ୍ଗଣରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ବୌଦ୍ଧ ଜିଲା ଶାଖା ପକ୍ଷରୁ ମୋଦିଙ୍କ ଜନ୍ମଦିବସକୁ ରାଷ୍ଟ୍ରୀୟ ବେରୋଜଗାର ଦିବସ ଭାବରେ ପାଳନ କରାଯାଇଥିବା ଦେଖିବାକୁ ମିଳିଥିଲା। ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜିଲା ସଭାପତି ସରୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକଙ୍କ ଉପସ୍ଥିତିରେ ବେରୋଜଗାର ଦିବସ ପାଳିତ ହୋଇଥିଲା । ଦେଶରେ ସ୍ଥାୟୀ ଚାକିରି ବଦଳରେ ୯୦% ଠିକା କର୍ମଚାରୀ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା, ୪୩ ଗୋଟି ଶ୍ରମିକ ଆଇନକୁ ବିଲୋପ କରି ୪ ଗୋଟି ଲେବର କୋଡ ପ୍ରଚଳନ କରିବା, ଦୈନିକ ୮ ଘଣ୍ଟା ବଦଳରେ ୧୨ ଘଣ୍ଟା ଗୋଟିଏ ଦିନରେ କାର୍ଯ୍ୟ ନିର୍ଘଣ୍ଟ କରିବା ଆଦି ଶ୍ରମିକ ବିରୋଧୀ ନିୟମର ପ୍ରଧାନ କଡା ସମାଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ବ୍ଲକ ସଭାପତି ବୀରମିତ୍ର ଦେହୁରୀ, ତ୍ରିପୁରାରୀ ସିଂ, ବୈଦ୍ୟନାଥ ବାରିକ, ଦୟା ସାଗର ମେଣ୍ଡିଲି, ଦହନ ଭୋକ୍ତା, ଭୀମସେନ ମଲ୍ଲିକ, ରାମ କୁମାର ପ୍ରମୁଖ କେନ୍ଦ୍ର ସରକାରର ଶ୍ରମିକ ମାରଣ କାର୍ଯ୍ୟଧାରା ଉପରେ ବକ୍ତବ୍ୟ ରଖିଥିଲେ ।

## ଛୋଟ ସହରରୁ ସାକାର ହେଉଛି ବଡ଼ ସ୍ୱପ୍ନ

ବଲାଙ୍ଗୀର ଅଫିସ, ୧୮।୯



ଦୀପକ ମହାନନ୍ଦ



ପ୍ରତ୍ୟୁଷ ମହାନନ୍ଦ



ପ୍ରଭାସ ମହାନନ୍ଦ

**ତିନିଭାଇ ଏବେ ପ୍ରତିଷ୍ଠିତ ଶେଫ୍**

- ବଲାଙ୍ଗୀରର ଦୀପକ ଏବେ ରିଲାଏନ୍ସ ଫ୍ୟାମିଲି ଶେଫ୍
- ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟରୁ ମିଳିଲା ସଫଳତା

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ତୁଷରା ସହରର ନିକଟ ମହୀପୁର। ଏହି ଛୋଟିଏ ସହରର ତିନି ଭାଇ ଆଜି ଦେଶର ଅନ୍ୟତମ ନାମକରା ସେଫ୍। ସାନଭାଇ ପ୍ରତ୍ୟୁଷ ମହାନନ୍ଦ ଆମେରିକାର ଫ୍ଲୋରିଡା ସ୍ଥିତ ପଞ୍ଚତାରକା କାର୍ନିଭାଲ କ୍ରୁଜ୍‌ରେ, ମଝିଆ ଭାଇ ପ୍ରଭାସ ମହାନନ୍ଦ କର୍ଣ୍ଣାଟକ କୁର୍ଗର ଏକ ବଡ ହୋଟେଲରେ ଶେଫ୍ ଭାବେ କାର୍ଯ୍ୟରତ ଅଛନ୍ତି। ଏବେ ବଡଭାଇ ଦୀପକ ମହାନନ୍ଦ (୩୧) ରିଲାଏନ୍ସ ରିଫାଇନାରିରେ ରିଲାଏନ୍ସ ଫ୍ୟାମିଲି ଶେଫ୍(ପେଶାଦାର ବ୍ୟଞ୍ଜନ ପ୍ରସ୍ତୁତକାରୀ) ଭାବେ ନିଯୁକ୍ତ ହୋଇଛନ୍ତି। ବଲାଙ୍ଗୀର ସହର ସ୍ଥିତ ଷ୍ଟେଟ୍ ଇଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟର ଛାତ୍ର ଦୀପକଙ୍କ ସଫଳତାର ରୋମାଞ୍ଚକର ଯାତ୍ରା ଏବେ ଅନେକଙ୍କ ପାଇଁ ପ୍ରେରଣାର ସ୍ରୋତ ପାଲଟିଛି। ଛୋଟ ସହରରୁ ସାକାର ହୋଇଛି ବଡ ସ୍ୱପ୍ନ।

ମହୀପୁର ନିବାସୀ ଯୁଗଲାଲ ମହାନନ୍ଦ ଓ ଜାନକୀ ମହାନନ୍ଦଙ୍କ ଜ୍ୟେଷ୍ଠପୁତ୍ର ଦୀପକ ବଲାଙ୍ଗୀର ଷ୍ଟେଟ୍ ଇଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍ଆଇଏଚ୍ଏମ୍)ରୁ ଡିପ୍ଲୋମା ଇନ୍ ଫୁଡ୍ ପ୍ରଡକ୍ସନ୍‌ରେ କୋର୍ସ କରିବା ପରେ ୨୦୦୮ରେ କେରଳର ଓରଚିଡ୍ ହୋଟେଲ ଗ୍ରୁପ୍‌ରେ ସେଫ୍‌ଭାବେ ଯୋଗଦେଇଥିଲେ। ସେଠାରେ ଦୁଇବର୍ଷ କାମ କରିବା ପରେ ୨୦୧୦ରେ ଅହମଦାବାଦଠାରେ ହୋଟେଲ ଲେ ମେରିଡିଏନ୍‌ରେ ନିଯୁକ୍ତି ପାଇଥିଲେ। ଏହାପରେ ୨୦୧୨ରେ ସେ ଦିଲ୍ଲୀର ରେଡିସନ୍ ଏବଂ ଇଣ୍ଟରକଣ୍ଟିନେଣ୍ଟାଲ ହୋଟେଲରେ ନିଯୁକ୍ତି ପାଇଥିଲେ। ଦିଲ୍ଲୀରେ ଅବସ୍ଥାପିତ ଥିବା ସମୟରେ ସେ ଡିଗ୍ରୀ କୋର୍ସ କରିଥିଲେ। ୨୦୧୯ରେ ସେ ଗୁଜରାଟ ଜାମ୍‌ନଗର ସ୍ଥିତ ରିଲାଏନ୍ସ ରିଫାଇନାରୀରେ ରିଲାଏନ୍ସ ଫ୍ୟାମିଲି ଶେଫ୍ ଇନଚାର୍ଜ ଭାବେ ନିଯୁକ୍ତି ପାଇଥିଲେ। ଇଣ୍ଟରନ୍ୟାଶନାଲ କ୍ୟୁଜିନ୍, ଅଷ୍ଟ୍ରେଲିଆନ୍, ଇଉରୋପିଆନ୍ ସମେତ ବିଭିନ୍ନ ଦେଶର ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ଦିଗରେ ଦୀପକଙ୍କ ସିଦ୍ଧହସ୍ତତା ରହିଛି। ରିଲାଏନ୍ସ ଫ୍ୟାମିଲି ଶେଫ୍ ଇନଚାର୍ଜ ଭାବେ ଦୀପକ ଅମ୍ବାନୀ ପରିବାର, ରିଲାଏନ୍ସ ରିଫାଇନାରିର ବରିଷ୍ଠ ଅଧିକାରୀ ସମେତ ପ୍ରତିଷ୍ଠିତ ଉଦ୍ୟୋଗପତିଙ୍କ ଖାଦ୍ୟ ପାନୀୟ ଦାୟିତ୍ୱରେ ରହିଛନ୍ତି। ପ୍ରୋଟୋକଲ ଏବଂ ସୁରକ୍ଷା ଦୃଷ୍ଟିରୁ ଦୀପକ ତାଙ୍କ କାର୍ଯ୍ୟ ସମ୍ପର୍କୀୟ କିଛିବି ତଥ୍ୟ ସାର୍ବଜନୀନ କରିପାରିବେ ନାହିଁ ବୋଲି କହିଛନ୍ତି। ଦୀପକଙ୍କ ମାସିକ ଦରମା ଏବେ ୧ ଲକ୍ଷ ୨୫ ହଜାର ଟଙ୍କା। ତାଙ୍କ ସଫଳତା ପଛରେ ବଲାଙ୍ଗୀର ଷ୍ଟେଟ୍ ଇଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟର ବଡ ଭୂମିକା ରହିଛି ବୋଲି ସେ କହିଛନ୍ତି।

## ବିଭିନ୍ନ ସମସ୍ୟାକୁ ନେଇ କଂଗ୍ରେସର ସାଧାରଣ ସଭା



ଲର୍କି ଗ୍ରାମରେ କଂଗ୍ରେସର ସାଧାରଣ ସଭାରେ କର୍ମୀ ଓ ଗ୍ରାମବାସୀ।

ନୂଆପଡା ଅଫିସ,୧୮।୯

ନୂଆପଡା ଜିଲା କୋମନା ବ୍ଲକ ଯୁବ କଂଗ୍ରେସ କମିଟି ସଭାପତି ନରେନ୍ଦ୍ର ନାଗଙ୍କ ସଭାପତିତ୍ୱରେ କୋମନା ବ୍ଲକ ଗଣାମେର ପଞ୍ଚାୟତ ଲର୍କି ଗାଁଠାରେ ଯୁବ କଂଗ୍ରେସ ଦ୍ୱାରା ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବୃକ୍ଷ ରୋପଣ କରିବା ସହିତ ଗ୍ରାମର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଜିଲା ପ୍ରଶାସନ ପାଖରେ ଉପସ୍ଥାପନ କରି ଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ଦାବି କରାଯିବ ବୋଲି ସ୍ଥିରିକୃତ ହୋଇଥିଲା। ଏହି ବୈଠକରେ ଜିଲା ଯୁବ କଂଗ୍ରେସ ପ୍ରଭାରୀ ସାହେବ ମହମ୍ମଦ, ଜିଲା ଯୁବ କଂଗ୍ରେସ ସଭାପତି କପିଳେନ୍ଦ୍ର ଭୋଇ, ନୂଆପଡା ବିଧାନସଭା ଯୁବ କଂଗ୍ରେସ ସଭାପତି ଶାହରୁଖ ଖାନ, ଖଡିଆଳ ଯୁବ କଂଗ୍ରେସ ସଭାପତି ଚନ୍ଦ୍ରଶେଖର ତାଣ୍ଡି, କୋମନା ବ୍ଲକ ସଭାପତି କୈଳାସ ଚନ୍ଦ୍ର ବାଗ, ଜିଲା ଯୁବ କଂଗ୍ରେସ ସମ୍ପାଦକ ଜୟଦେବ ମାଝି, ପ୍ରେମ ତାଣ୍ଡି, ଲକ୍ଷପତି ସୁନା, ଭିକାରୀ ତାଣ୍ଡି, ଲିପୁ ବେହେରା ପ୍ରମୁଖ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଆଦ୍ୟ ଶୈଶବ ଶିଶୁ ଯତ୍ନ ଓ ଶିକ୍ଷା ଉପରେ ତାଲିମ ଶିବିର




ପରିଦର୍ଶିକାଙ୍କ ସହିତ ଜିଲାପାଳ ତାଲିମ କେନ୍ଦ୍ରରେ।

ନୂଆପଡା ଅଫିସ,୧୮।୯: ନୂଆପଡା ଜିଲା ସମାଜ କଲ୍ୟାଣ ବିଭାଗ ତରଫରୁ ଜିଲା ମିଶନ ଶକ୍ତି ଭବନ ନୂଆପଡା ଠାରେ ପରିଦର୍ଶିକାମାନଙ୍କର ୫ଦିନିଆ ଆଦ୍ୟ ଶୈଶବ ଶିଶୁ ଯତ୍ନ ଓ ଶିକ୍ଷା ଉପରେ ଏକ ତାଲିମ ଶିବିର ଗତ ୧୪ ତାରିଖ ଠାରୁ ଆରମ୍ଭ ହୋଇ ଶନିବାର ଉଦଯାପିତ ହୋଇ ଯାଇଛି। ମାତୃ ଗର୍ଭରେ ଜନ୍ମରୁ ୬ବର୍ଷ ପର୍ଯ୍ୟନ୍ତ କେମିତି ପରିବାରର ଗୋଷ୍ଠୀଙ୍କ ସହଯୋଗରେ ଅଙ୍ଗନୱାଡି କେନ୍ଦ୍ର ଓ ପରିବାର ମଧ୍ୟରେ ଶିଶୁଙ୍କ ସର୍ବାଙ୍ଗୀନ ଉନ୍ନତି ଯଥା ଶାରୀରିକ, ବୌଦ୍ଧିକ, ସାମାଜିକ ଓ ଆବେଗିକ, ଭାଷାଗତ ଏବଂ ସୃଜନାତ୍ମକ ବିକାଶ ହୋଇପାରିବ ସେ ଉପରେ ତାଲିମ ପ୍ରଦାନ କରା ଯାଇଥିଲା। ତାଲିମର ୫ମ ଦିନରେ ନୂଆପଡ଼ା ଜିଲାପାଳ ସ୍ୱାଧାଦେବ ସିଂ ତାଲିମ କେନ୍ଦ୍ର ପରିଦର୍ଶନ କରି ପରିଦର୍ଶିକାମାନେ ତିଆରି କରିଥିବା ଶିକ୍ଷା ଉପଯୋଗୀ ଉପକରଣ ଦେଖିଲେ ଓ ଠିକ ଭାବରେ କାର୍ଯ୍ୟର ରୂପାୟନ କରିବା ପାଇଁ ପରାମର୍ଶ ଦେଇଥିଲେ।

## ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଭେଟିଲେ ଅଞ୍ଚଳବାସୀ

ଦେଓଗାଁ, ୧୮।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜ୍ଜୁନପୁରରେ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ଏକ ୩୩ /୧୧କେଭି ଗ୍ରୀଡ ସ୍ଥାପନ ର ଆବଶ୍ୟକତା ରହିଛି। ଏ ନେଇ ଶନିବାର ବଡଙ୍ଗୋମୁଣ୍ଡାସ୍ଥିତ ଉଡାଜାହାଜ ପଡିଆଠାରେ ଓଡିଶା ସରକାରଙ୍କ ଶକ୍ତି ବିଭାଗ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେରଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ସଚିବ ଧଳଙ୍କୁ ସାକ୍ଷାତ କରି ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଯୋଗୁ ଉନ୍ନତିମୂଳକ କାର୍ଯ୍ୟ ବିଶେଷ କରି କୃଷିକ୍ଷେତ୍ରରେ ସମସ୍ୟା ହେଉଛି ତାହା ଅବଗତ କରିଥିଲେ । ଏଣୁ ଅଗ୍ରାଧିକାର ଭିତ୍ତିରେ ଅର୍ଜ୍ଜୁନପୁରଠାରେ ୩୩ /୧୧କେଭି ବିଦ୍ୟୁତ ଗ୍ରୀଡ ସ୍ଥାପନ ପାଇଁ ଦାବି ଜଣାଇଥିଲେ । ଏହି ଅବସରରେ ବଡବାହାଲ ସରପଞ୍ଚ ଜୟ ରଣା, ବିଜୁ ଯୁବ ଜନତା ଦଳ ବ୍ଲକ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଭୋଜରାଜ ରଣା, ପୀତାମ୍ବର ମିଶ୍ର, ଲମ୍ବୋଦର ରଣା, ହୃଦାନନ୍ଦ ଗଡତ୍ସା, ସଞ୍ଜୀବ ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ଶକ୍ତି ବିଭାଗ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଅବରୋଧ ହଟାଇବାକୁ ତହସିଲ ଅଫିସ ଘେରାଉ

ବିନିକା,୧୮।୯(ଡି.ଏନ୍.ଏ.)

- ଅଟକିଛି ମିଶ୍ରପାଲି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ
- ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ଅନୁଦାନ ରାଶି ପଡି ରହିଛି
- ତଦନ୍ତ ପରେ ପଦକ୍ଷେପ ନିଆଯିବ: ତହସିଲଦାର

ସୁବର୍ଣ୍ଣପୁର ଜିଲା ବିନିକା ଏନ୍ଏସି ୧୨ନମ୍ବର ୱାର୍ଡ ଅନ୍ତର୍ଗତ ମିଶ୍ରପାଲିରେ ଏକ ମିନି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ଅର୍ଥରାଶି ମଞ୍ଜୁର ହୋଇଛି। ମାତ୍ର ନିର୍ମିତ ହେବାକୁ ଥିବା ଅଙ୍ଗନୱାଡି କେନ୍ଦ୍ରର ପ୍ରବେଶ ରାସ୍ତା ଅବରୋଧ ହୋଇଛି। ଏଥିଯୋଗୁ କାମ ଆରମ୍ଭ ହୋଇପାରୁ ନାହିଁ। ସମସ୍ୟାର ସମାଧାନ ଦାବି କରି ଶନିବାର ଅଙ୍ଗନୱାଡି କର୍ମୀ ରାଜେଶ୍ୱରୀ ଷାଣ୍ଡଙ୍କ ସହିତ ମିଶ୍ରପାଲିର ବସନ୍ତ ମୁଣ୍ଡା, ଦିଲୀପ ଲବଣୀ, ଗଣେଶ ନାଗ, ଉଗ୍ରେସନ ମୁଣ୍ଡା, ଝୁନା ଚିରଗୁଣୀ, ସମାରୁ ଲବଣୀଙ୍କ ସହ ଶତାଧିକ ବ୍ୟକ୍ତି ବିନିକା ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ମଧ ପ୍ରଦାନ କରିଥିଲେ।

ସେମାନଙ୍କ କହିବା ମତେ ନିର୍ମାଣ ହେବାକୁ ଥିବା ମିନି ଅଙ୍ଗନୱାଡି କେନ୍ଦ୍ର ଓ ପାରିପାର୍ଶ୍ୱିକ ଅଞ୍ଚଳ ବିନିକା ରାଜସ୍ୱ ବିଭାଗ ଖାତା ନଂ-୩୧, ପ୍ଲଟ ନଂ-୪୧ କିସମ ଗୋଚର ରହିଛି । ମୋଟଜମି ୪ଏକର ୭୧୫ ଡିସମିଲ ରହିଛି। ସେଥିରୁ ମାତ୍ର ୫ଡିସିମିଲ ଜମି ଅଙ୍ଗନୱାଡି ଗୃହ ନିର୍ମାଣ ଓ ଖେଳ ପଡିଆ ପାଇଁ ମିଶ୍ରପାଲି ବାସିନ୍ଦା ନିଜ ଅଧୀନରେ ରଖିଛନ୍ତି। ମାତ୍ର କିଛିଦିନ ପୂର୍ବେ ଏନ୍ଏସିରୁ ମିଶ୍ରପାଲିର ଦୁଇଜଣ ବ୍ୟକ୍ତିଙ୍କୁ ଉପରୋକ୍ତ ପ୍ଲଟ ନଂ-୪୧ର ଆଗପଟେ ଏଲ୍ଆରସି ପଟ୍ଟା, ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ନିୟମ ମୁତାବକ ପାଇଥିବା ପ୍ଲଟରେ ଉଭୟ ବ୍ୟକ୍ତି ଗୃହ ନିର୍ମାଣ କରିବା କଥା। ମାତ୍ର ପାଇଥିବା ପ୍ଲଟ ପରିବର୍ତ୍ତେ ସେମାନେ ଅନ୍ୟ ସ୍ଥାନରେ ଗୃହ ନିର୍ମାଣ କରିବା ଆରମ୍ଭ କରିଛନ୍ତି। ଯେଉଁ ସ୍ଥାନରେ ଉଭୟ ବ୍ୟକ୍ତି ଗୃହ ନିର୍ମାଣ କରୁଛନ୍ତି ତାହା ମିନି ଅଙ୍ଗନବାଡି କେନ୍ଦ୍ରକୁ ଯିବାର ଏକମାତ୍ର ପ୍ରବେଶ ମାର୍ଗ । ଏଣୁ ଏହାକୁ ବିରୋଧ କରି ସେମାନେ ତହସିଲ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିବା କହିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ ପାଇଁ ତହସିଲଦାର ଅଲେଖ ଘୁଟାଙ୍କ ନିକଟରେ ଦାବି କରିଥିଲେ। ପରେ ତହସିଲଦାର ଘୁଟାଙ୍କ ସହ ମିଶ୍ରପାଲି ବାସିନ୍ଦା ରାସ୍ତା ଅବରୋଧସ୍ଥଳକୁ ଯାଇଥିଲେ। ହେଲେ ସେଠାରେ ଅବରୋଧକାରୀଙ୍କ ସହିତ ପଡାବାସୀଙ୍କର ଯୁକ୍ତିତର୍କ ହୋଇଥିଲା। ଏପରିକି ରାସ୍ତା ଅବରୋଧକାରୀ ପରିବାରର କେତେକ ମହିଳା ପଡାର ଗଣେଷ ମୁଣ୍ଡାଙ୍କୁ ମାରପିଟ କରିଥିଲେ। ବିନିକା ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ବିଧିବଦ୍ଧ ତଦନ୍ତ ପରେ ବିହିତ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ଘୁଟା କହିଛନ୍ତି।




ବିନିକା ତହସିଲ ଅଫିସ ଆଗରେ ମିଶ୍ରପାଲି ବାସୀନ୍ଦା।

## କୋଇଲା ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ

ପଲମ,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଦେହେଲି ଗ୍ରାମର ବୁଲାଣି ରାସ୍ତାରେ ଶନିବାର ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ଏକ କୋଇଲା ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି । ବିଶାଖାପାଟଣାଠାରୁ କୋରବା ଅଭିମୁଖେ ଯାଉଥିବା ଏହି ଟ୍ରକ ( ନଂ ଏପି୨୭ଟିଏଫ୍ ୬୨୩୯) କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା କଡର ଧାନ ବିଲକୁ ଖସି ପଡିଥିଲା । ଦେହେଲି ଗ୍ରାମର କେତେଜଣ ବ୍ୟକ୍ତି ଦୁର୍ଘଟଣା ସ୍ଥଳରେ ପହଞ୍ଚି ଟ୍ରକର କାଚ ଭାଙ୍ଗି ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରି ନର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଡ୍ରାଇଭର ଓ ହେଲପର ସାମାନ୍ୟ ଆହତ ହୋଇଛନ୍ତି । ଖବରପାଇ ନର୍ଲା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାଯାଏ ।

# ଟିଟିଲାଗଡ଼ ଜିଲା ଘୋଷଣା କରନ୍ତୁ ମୁଖ୍ୟମନ୍ତ୍ରୀ

**ଟିଟିଲାଗଡ଼, ୧୮।୯ (ଡି.ଏନ.ଏ.)**



ବୈଠକରେ ଉପସ୍ଥିତ ବିଭିନ୍ନ ସଂଗଠନ କର୍ମକର୍ତ୍ତା ।

**ନବୀନଙ୍କ ବଲାଙ୍ଗୀର ଗସ୍ତ ପୂର୍ବରୁ ବିଭିନ୍ନ ସଂଗଠନର ଦାବି**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆସନ୍ତା ୨୨ତାରିଖରେ ଟିଟିଲାଗଡ ଗସ୍ତ କାର୍ଯ୍ୟକ୍ରମ ରହିଛି । ଏହାର ଅବ୍ୟବହିତ ପୂର୍ବରୁ ଟିଟିଲାଗଡ ଜିଲା ଗଠନ ଦାବି ପୁଣି ଉଠିଛି । ଶନିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ବିଭିନ୍ନ ସଂଗଠନ କର୍ମକର୍ତ୍ତା ସମ୍ମିଳିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ସ୍ୱାଗତ କରିବା ସହ ଟିଟିଲାଗଡ ଜିଲା ଘୋଷଣା କରିବାକୁ ନିବେଦନ କରିଛନ୍ତି । ୧୯୯୨ରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ରାଜ୍ୟରେ ୧୩ଟି ଜିଲାକୁ ୩୦ ଜିଲାକୁ ବୃଦ୍ଧି କରିଥିଲେ । ସେହି ସମୟରୁ ଟିଟିଲାଗଡ ଜିଲା ଦାବିକୁ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ ଦାନା ବାନ୍ଧିଛି । ଜିଲା ଦାବିରେ ଜିଲା କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ କ୍ରମାଗତ ଭାବେ ଦାବି ହୋଇ ଆସୁଛି । ଟିଟିଲାଗଡ ବିଜ୍ଞାପିତ ପରିଷଦ ନିର୍ବାଚନ ବର୍ଜନ, ୨୦୧୮ ନଭେମ୍ବର ୧ରୁ ୨୦୧୯ ମାର୍ଚ୍ଚରେ ସାଧାରଣ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପର୍ଯ୍ୟନ୍ତ କୋର୍ଟକଚେରି, ସରକାରୀ କାର୍ଯ୍ୟାଳୟ ବନ୍ଦ, ରାସ୍ତାରୋକୋ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ସଂଗଠନର ଧାରଣା, ରାଲି, ବିକ୍ଷୋଭ କରାଯାଇଥିଲା । ବିଭିନ୍ନ ସମୟରେ ଜିଲା କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଭୁବନେଶ୍ୱରରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଟିଟିଲାଗଡ ଉପଖଣ୍ଡ ଅଞ୍ଚଳର ବିକାଶ ପାଇଁ ଏଥର ଗସ୍ତ ଅବସରରେ ଜିଲା ଘୋଷଣା କରନ୍ତୁ ବୋଲି ସଭାରେ ନିବେଦନ କରାଯାଇଛି । ଗରିବ ସେନା ଟିଟିଲାଗଡ ସଭାପତି ବୀରେନ୍ଦ୍ର ବାଗଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନାରୀ ଭଏସ ଅଫ ୱିମେନର ସମ୍ପାଦିକା ସୁଜାତା ଖୋସଲା, ଉପସଭାନେତ୍ରୀ ଲକ୍ଷ୍ମୀ ବଗର୍ତ୍ତି, ଲାୟନ୍ସ କ୍ଲବ ସଭାପତି ଦୀପକ ପୃଷ୍ଟି, ବରିଷ୍ଠ କଂଗ୍ରେସ ନେତା ଦେବାନନ୍ଦ ସାହୁ, ତୁଳସୀ ସାହୁ, ଜିଲା ଓୟୁଜେ ସଭାପତି ଦୀପକ ସମ୍ପାଦାର, ପର୍ଶୁରାମ ପାଣିଗ୍ରାହୀ, ଟିକେଶ୍ୱରୀ ନାଏକ, ଅନୁପମା ନାଏକ, ମମତା ନାଏକ, ଲାୟନ୍ସ କ୍ଲବ ସମ୍ପାଦକ ଆର୍ଶିବାଦ ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ ।

# ବିବାହିତ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ଜୁନାଗଡ,୧୮।୯(ଡି.ଏନ୍.ଏ.)**

**ହତ୍ୟା କରା ଯାଇଥିବା ନେଇ ବାପା ଦେଲେ ଥାନାରେ ଏତଲା**

କଳାହାଣ୍ଡି ଜିଲା ଜୁନାଗଡ ଥାନା ବଣିଜରା ଗ୍ରାମରେ ପୋଲିସ ଶନିବାର ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି । ମୃତା ମହିଳାଙ୍କ ନାମ ପଦ୍ମିନୀ ରାଉତ(୧୮) ବୋଲି ଜଣାପଡିଛି । ଏପଟେ ଝିଅକୁ ହତ୍ୟା କରାଯାଇଥିବା ନେଇ ପଦ୍ମିନୀଙ୍କ ବାପା ଶ୍ୱାଇଁଙ୍କ ପରିବାର ନାମରେ ଜୁନାଗଡ ଥାନାରେ ଏତଲା ଦେଇଛନ୍ତି ।

ଅଭିଯୋଗ ଅନୁଯାୟୀ,ଗତ ଏପ୍ରିଲ ୨୭ ତାରିଖରେ ବଣିଜରା ଗ୍ରାମର ଜନ୍ମେଜୟ ମାଝୀ ବେଲପଡାର ଜୟରାମ ରାଉତଙ୍କ ଝିଅ ପଦ୍ମିନୀଙ୍କୁ ଭଲ ପାଇ ବିବାହ କରିଥିଲେ । ଶନିବାର ଜନ୍ମେଜୟ ଶଳା ଲଛମନଙ୍କୁ ଫୋନ କରି ତାଙ୍କ ଭଉଣୀ ପଦ୍ମିନୀଙ୍କ ମୃତ୍ୟୁ ହୋଇଥିବା କହିଥିଲେ । ତେବେ ଶାଶୁଘର ଲୋକେ ପଦ୍ମିନୀଙ୍କୁ ମାରି ଘରେ ଟାଙ୍ଗି ଦେଇଥିବା ତାଙ୍କ ବାପା ଅଭିଯୋଗ ଆଣିଛନ୍ତି । ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଜୁନାଗଡ ତହସିଲଦାର ବେଦବ୍ୟାସ ଭୋଇ, ଜୁନାଗଡ ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁଙ୍କ ଉପସ୍ଥିତିରେ ମହିଳାଙ୍କ ମୃତଦେହ ଜବତ ହୋଇ ଜୁନାଗଡ ଡାକ୍ତରଖାନାକୁ ବ୍ୟବଛେଦ ପାଇଁ ନିଆଯାଇଥିଲା । ଏ ନେଇ ଜୁନାଗଡ ଥାନାରେ ଏକ ମାମଲା (ନଂ.୩୧୮/୨୧) ରୁଜୁ ହୋଇଛି । ଏହି ଘଟଣାରେ ମୃତା ମହିଳାଙ୍କ ସ୍ୱାମୀ ଜନ୍ମେଜୟଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଥିବା ଥାନାଧିକାରୀ ଉତ୍ତମ କୁମାର ସାହୁଙ୍କ ଠାରୁ ଜଣାପଡିଛି ।

## ସଂକ୍ଷେପରେ

### ଟ୍ରେନରେ କଟି ଯୁବକ ମୃତ

**ଲୋଇସିଂହା,୧୮।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବୁର୍ଡା ରେଳ ଫାଟକ ନିକଟରେ ଟ୍ରେନରେ କଟି ଜଣେ ଯୁବକଙ୍କ ଶନିବାର ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିନାହିଁ। ବଲାଙ୍ଗୀର ଆରପିଏଫ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସମ୍ବଲପୁର-ଟିଟିଲାଗଡ ରୁଟର ବୁର୍ଡା ଫାଟକ ପୂର୍ବରୁ ୨ଶହ ମିଟର ଘୁଷୁରାମୁଣ୍ଡା ପଟରେ ଅପଲାଇନ ଟ୍ରାକରେ ସମ୍ପୃକ୍ତ ଯୁବକ ଜଣକ କୌଣସି ଏକ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା କୁହାଯାଉଛି । ତାଙ୍କ ବୟସ ୨୦ରୁ ୨୨ ବର୍ଷ ମଧ୍ୟରେ ହେବ। ସେ ଜିନ୍ସ ପ୍ୟାଣ୍ଟ ଓ ଟିଶାର୍ଟ ପରିଧାନ କରିଥିଲେ । ଘଟଣାସ୍ଥଳରେ ଏକ ସ୍ଲିପର ଚପଲ ପଡି ରହିଥିଲା । ଅନ୍ୟ ଏକ ଘଟଣାକ୍ରମରେ ଶୁକ୍ରବାର ସନ୍ଧ୍ୟାରେ ମେଣ୍ଡା ଅଞ୍ଚଳର ଜଣେ ଯୁବକ ଆତ୍ମହତ୍ୟା କରିବା ପାଇଁ ରେଳଧାରଣାରେ ଶୋଇଥିଲେ । ହେଲେ ଅନ୍ୟ ଲାଇନରେ ଟ୍ରେନ ଆସିବାରୁ ସେ ବର୍ତ୍ତି ଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ।

### କ୍ୱାଲିଟି ଆନାଲିସିସ୍ ଆସିଷ୍ଟାଣ୍ଟଙ୍କୁ ମିଳିନି ପ୍ରାପ୍ୟ

**ଲୋଇସିଂହା,୧୮।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆରଏମ୍‌ସି ଅଧୀନରେ କାର୍ଯ୍ୟରତ ଲୋଇସିଂହା ବ୍ଲକ ସମେତ ଜିଲାର ୭୪ ଜଣ କ୍ୱାଲିଟି ଆନାଲିସିସ୍ ଆସିଷ୍ଟାଣ୍ଟ କର୍ମଚାରୀଙ୍କୁ ଗତ ଖରିଫ ଧାନକିଣା ବକେୟା ପ୍ରାପ୍ୟ ମିଳି ନାହିଁ। ଏନେଇ ସେମାନେ ଜିଲାପାଳ ଓ ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ସୁଦ୍ଧା ସୁଫଳ ମିଳିନାହିଁ। ଅଭିଯୋଗ ଅନୁଯାୟୀ ଆରଏମସି ତରଫରୁ ରାଜମେନ ପାୱାର ଠିକା ସଂସ୍ଥା ଜରିଆରେ ସମ୍ପୃକ୍ତ କର୍ମଚାରୀମାନେ ଖରିଫ ଓ ରବି ଧାନକିଣା ବେଳେ ପ୍ୟାକ୍ସମାନଙ୍କରେ ନିୟୋଜିତ ହୋଇଥାନ୍ତି। ଗତବର୍ଷ ଖରିଫ ଧାନକିଣା ପାଇଁ ୨୦୨୦ ନଭେମ୍ବରରୁ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ସେମାନେ ପ୍ୟାକ୍ସରେ ନିୟୋଜିତ ହୋଇ କାମ କରିଥିଲେ । କର୍ମଚାରୀଙ୍କୁ ୨ ମାସର ପ୍ରାପ୍ୟ ପ୍ରଦାନ କରାଯାଇଛି। ସମ୍ପୂର୍ଣ୍ଣ ଟଙ୍କା ନ ଦେଇ ୨ରୁ ୩ ହଜାର କାଟି ଦେଇଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ବକେୟା ପ୍ରାପ୍ୟ ପ୍ରଦାନରେ ଠିକା ସଂସ୍ଥା ଟାଳଟୁଳ ନୀତି ଅବଲମ୍ବନ କରୁଛି। ଏହାସହିତ ଗତବର୍ଷର ଇପିଏଫ, ଇଏଫଆଇ ଟଙ୍କା ଦିଆଯାଉନାହିଁ। ଏହାକୁ ନେଇ କର୍ମଚାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଆରଏମସି କର୍ତ୍ତୃପକ୍ଷଙ୍କୁ ସମସ୍ୟା ଜଣାଇଲେ ସବୁ ପ୍ରାପ୍ୟ ଠିକା ସଂସ୍ଥାକୁ ପ୍ରଦାନ କରାଯାଇଥିବା କୁହାଯାଉଛି। ଏ ନେଇ ଠିକା କର୍ମଚାରୀ ପକ୍ଷରୁ ୫ ଟି ସଚିବ, ଜିଲାପାଳ ଓ ଉପଜିଲାପାଳଙ୍କୁ ଫେରଦ ହୋଇଥିଲେ ସୁଦ୍ଧା ସୁଫଳ ମିଳି ନ ଥିବା ବାବୁଲାଲ କଦମ, କିଶାନ ଠାକୁର, ସୁଜିତ ସାହୁ, ସୁନୀଲ ହାତୀ ପ୍ରମୁଖ କହିଛନ୍ତି।

### ରକ୍ସା ସମିତି କାର୍ଯ୍ୟାଳୟ ଛାତରୁ କଂକ୍ରିଟ ଖସୁଛି

**ବର୍ତ୍ତିଲେ ସମ୍ପାଦକ**

**ବାଉଁଶୁଣୀ,୧୮।୯(ଡି.ଏନ.ଏ.):** ବୌଦ୍ଧ ବ୍ଲକ ରକ୍ସାଠାରେ ଥିବା ରକ୍ସା ସେବା ସମବାୟ ସମିତି କାର୍ଯ୍ୟାଳୟ ଛାତରୁ ସିମେଣ୍ଟ ଛେଲା ଖସି ପଡିଥିବା ବେଳେ ସମ୍ପାଦକ ଓ ଡାଟା ଏଣ୍ଟ୍ରି ଅପରେଟର ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ରକ୍ସା ସେବା ସମବାୟ ସମିତି କାର୍ଯ୍ୟାଳୟରେ ସମ୍ପାଦକ ଦୟାନିଧି କର୍ଣ୍ଣ ଓ ଡାଟା ଏଣ୍ଟ୍ରି ଅପରେଟର କାର୍ଯ୍ୟ କରୁଥିବା ବେଳେ ହଠାତ୍ ପୁରୁଣା କୋଠାର ଛାତରୁ କଂକ୍ରିଟ ଖଣ୍ଡ ଖସି ପଡିଥିଲା । ଉଭୟ କର୍ମଚାରୀଙ୍କ ମୁଣ୍ଡ ଓ କାନ୍ଧରେ ସାମାନ୍ୟ ଆଘାତ ଲାଗିଥିବା ବେଳେ ସେମାନେ ବର୍ତ୍ତି ଯାଇଥିଲେ। ସମିତିର ଏକ କମ୍ପ୍ୟୁଟର ମନିଟର ଭାଙ୍ଗିଯାଇଛି । ୫୦ ବର୍ଷ ତଳର ପୁରୁଣା କୋଠା ହୋଇ ଥିବାରୁ ତାହା ବିପଦଜନକ ଅବସ୍ଥାରେ ରହିଛି । ଯେଉଁ ସ୍ଥାନ ସମିତି ଦଖଲରେ ଅଛି ସମିତି ନାମରେ ତାହାର ରେକର୍ଡ ନ ଥିବା ହେତୁ ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଅନୁମତି ମିଳୁ ନ ଥିବା ଶୁଣିବାକୁ ମିଳୁଛି । ବିଭିନ୍ନ କାମରେ ଚାଷୀମାନେ ସମିତିକୁ ଆସି ଥାଆନ୍ତି। ମାତ୍ର ଆଜି ସେଭଳି ଗହଳି ନ ଥିବା ବେଳେ ସିଲିଂ ଖସିଥିବା ହେତୁ ଅଘଟଣରୁ ଲୋକେ ବର୍ତ୍ତି ଯାଇଥିବା ଆଲୋଚନା ହେଉଛି । ତୁରନ୍ତ ନୂତନ କାର୍ଯ୍ୟାଳୟ ନିର୍ମାଣ ଦିଗରେ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ସମୀକ୍ଷା



ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଶନିବାର ବଲାଙ୍ଗୀର ସର୍କିଟ ହାଉସଠାରେ ସମୀକ୍ଷା କରୁଛନ୍ତି ।

**ବଲାଙ୍ଗୀର ଅଫିସ, ୧୮।୯**

ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଶନିବାର ସର୍କିଟ ହାଉସଠାରେ ବିଦ୍ୟୁତ୍ ବିଭାଗ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଜିଲାରେ ମେଗାଲିଫ୍ଟ ପ୍ରକଳ୍ପଗୁଡ଼ିକର ବିଦ୍ୟୁତ୍ ବ୍ୟବସ୍ଥା, ଏହାର କାର୍ଯ୍ୟକାରିତା ଓ ରକ୍ଷଣାବେକ୍ଷଣ ସମ୍ପର୍କରେ ସମୀକ୍ଷା କରିଥିଲେ । ଏହା ସହ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପାଇପ ଜଳଯୋଗାଣ ପ୍ରକଳ୍ପ ଏବଂ ଉଠାଜଳସେଚନ ପ୍ରକଳ୍ପର ବିଦ୍ୟୁତ୍ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ସମୀକ୍ଷା ବୈଠକରେ ଜିଲାପାଳ ଚଞ୍ଚଳ ରାଣା, ଓପିଟିସିଏଲର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ଲୋଚନ ପଣ୍ଡା, ଟିପିଡବ୍ଲ୍ୟୁଓଡିଏଲ ବୁର୍ଲାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ ଏସ୍. କାଲେ, ସିଓ ସୁମିତ୍ ଘୋଷ, ଅଧୀକ୍ଷଣ ଯନ୍ତ୍ରୀ ରଞ୍ଜନ କୁମାର ନାଏକଙ୍କ ସମେତ ସମ୍ପୃକ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ । ସମୀକ୍ଷା ବୈଠକ ପରେ ପ୍ରମୁଖ ସଚିବ ଧଳ ଲୋଇସିଂହା ବ୍ଲକ ବାଦୀମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କାର୍ଯ୍ୟକ୍ରମ ଜରିଆରେ ଅଣସଂକ୍ରମକ ରୋଗ ଯାଞ୍ଚ, ଔଷଧ ଓ ବିଭିନ୍ନ ପରୀକ୍ଷା ସୁବିଧାର ତଦାରଖ କରିଥିଲେ । ଡିଜିଟାଲ ପରୀକ୍ଷଣ ଯନ୍ତ୍ରର ବ୍ୟବହାର ଏବଂ ପ୍ରସୂତୀ ଗୃହର ଉନ୍ନତିକରଣ କାର୍ଯ୍ୟକ୍ରମ ତଦାରଖ କରିଥିଲେ । ପରେ ସରକାରୀ ଆଇଟିଆଇ ଏବଂ ଜେଆରଜି ଏଜୁକେଶନାଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଡିଡିୟୁ-ଜିକେୱାଇ ଦକ୍ଷତା ତାଲିକ କେନ୍ଦ୍ର ପରିଦର୍ଶନ କରି ଛାତ୍ରମାନଙ୍କ ତାଲିମ ବ୍ୟବସ୍ଥା ଏବଂ ପ୍ଲେସ୍‌ମେଣ୍ଟ ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ସଦାଇପାଲିଠାରେ ଥିବା ସୋଲାର ପାୱାର ପ୍ଲାଣ୍ଟ ଓ ବିଦ୍ୟୁତ୍ ଗ୍ରୀଡ ଷ୍ଟେସନ୍ ପରିଦର୍ଶନ କରିଥିଲେ ।

# ଫଡି ବନ୍ଧେଇ ଘର ଭାଙ୍ଗିଲେ ହାତୀପଲ:ବର୍ତ୍ତିଗଲେ ଶ୍ରମିକ

**ଖପ୍ରାଖୋଲ,୧୮।୯ (ଡି.ଏନ.ଏ.)**





ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ଗନ୍ଧମାର୍ଦ୍ଦନ ପାହାଡ ତଳି ବେହେରପାଣି ଗାଁରେ ଥିବା କେନ୍ଦୁପତ୍ର ଫଡି ବନ୍ଧେଇ ଘରକୁ ଶୁକ୍ରବାର ରାତିରେ ହାତୀପଲ ଭାଙ୍ଗି ପକାଇଛନ୍ତି । କେନ୍ଦୁପତ୍ର ବନ୍ଧେଇ କାର୍ଯ୍ୟ ଚାଲିଥିବାବେଳେ ସେଠାରେ ୨୦ରୁ ଉର୍ଦ୍ଧ୍ୱ ଶ୍ରମିକ ରାତିରେ ବିଶ୍ରାମ ନେଇଥିଲେ । ଘରଭଙ୍ଗା ରୁଜୁ କରୁଥିବା ଜାଣି ଶ୍ରମିକମାନେ ଭୟରେ କିଏ କୁଆଡେ ଜୀବନ ବିକଳରେ ଦୌଡି ପଳାଇଥିଲେ । ଶ୍ରମିକମାନେ ସେଠାରେ ରଖିଥିବା ଚାଉଳକୁ ହାତୀପଲ ଖାଇ ଦେଇଥିଲେ । ଶନିବାର ସକାଳେ ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବସ୍ତ କୁମୁରା, କେନ୍ଦୁପତ୍ର ଫରେଷ୍ଟର ଅରବିନ୍ଦ ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ । ସୂଚନାଯୋଗ୍ୟ ଯେ, ଖପ୍ରାଖୋଲ ବ୍ଲକ ଗନ୍ଧମାର୍ଦ୍ଦନ ପାହାଡ ତଳି ଅଞ୍ଚଳରେ ତିନିଦିନ ହେଲା ହାତୀ ଉପଦ୍ରବ ଦେଖାଦେଇଛି । ଗୁରୁବାର ରାତିରେ ବ୍ରାହ୍ମଣୀ ଗାଁରେ ଜଣକୁ ହାତୀ ଦଳି ମାରିଦେଇଥିଲା । ଶୁକ୍ରବାର ସକାଳେ ଶୌଚ ପାଇଁ ଯାଇଥିବା ଅନ୍ୟ ଜଣେ ହାତୀ ହାବୁଡରେ ପଡି ଗୁରୁତର ହୋଇଥିଲେ । ଏ ନେଇ ରେଞ୍ଜ ଅଧିକାରୀ କୁମୁରାଙ୍କୁ ପଚାରିବାରୁ ହାତୀପଲ ବ୍ରାହ୍ମଣୀ ଦେଇ ବେହେରାପାଣିକୁ ଆସିଛନ୍ତି ବୋଲି କହିଛନ୍ତି ।

# ୩୦ତାରିଖ ଆଖୁଚାଷୀ ସମାବେଶ ସଫଳ କରିବାକୁ ଆହ୍ୱାନ

**ଚିନିକଳ ପୁନଃଚାଲୁ ଦାବି ପ୍ରସଙ୍ଗ**

**ଦେଓଗାଁ, ୧୮।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଗରପାଲି ନିକଟରେ ବନ୍ଦ ପଡିଥିବା ବିଜୟାନନ୍ଦ ସମବାୟ ଚିନିକଳର ପୁନଃଚାଲୁ ପାଇଁ ଭିଲେଜର୍ସ ଇଣ୍ଡିଆ ପାର୍ଟି ତରଫରୁ ଚଳିତ ମାସ ୧ତାରିଖରୁ ଧାରଣା ଜାରି ରହିଛି । ଚଳିତମାସ ୩୦ ତାରିଖରେ ଚିନିକଳ ସମ୍ମୁଖରେ ଅଞ୍ଚଳର ସମସ୍ତ ଆଖୁଚାଷୀଙ୍କୁ ନେଇ ଏକ ସମାବେଶ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏନେଇ ପାର୍ଟି ପକ୍ଷରୁ ଚିନିକଳ ମୁଖ୍ୟଗେଟ ସମ୍ମୁଖ ଧାରଣାସ୍ଥଳରେ ଶନିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପାର୍ଟି ଅଧକ୍ଷ ଡ. ବିପିନ କୁସୁଲିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ କୃଷିଭିତ୍ତିକ ଶିଳ୍ପର ପୁନରୁଦ୍ଧାର ନିତାନ୍ତ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା । ଏଣୁ ଦଳମତ ନିର୍ବିଶେଷରେ ଏହି ଶିଳ୍ପର ପୁନଃଚାଲୁ ପାଇଁ ଉଦ୍ୟମ ଜରୁରୀ ବୋଲି ଉପସ୍ଥିତ କର୍ମକର୍ତ୍ତା ସୂଚନା ଦେଇଥିଲେ । ଆସନ୍ତା ୩୦ ତାରିଖରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ, ବୌଦ୍ଧ, ନୂଆପଡା, କଳାହାଣ୍ଡି, କନ୍ଧମାଳ ଓ ଫୁଲବାଣୀ ଆଦି ଜିଲାର ଆଖୁଚାଷୀ ତଥା ନେତୃବୃନ୍ଦଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହେବ । ଏଥିରେ ଚିନିକଳର ପୁନଃଚାଲୁ ମୁଖ୍ୟ ପ୍ରସଙ୍ଗ ହେବ । ଏହାସହ କର୍ମଚାରୀଙ୍କ ବକେୟା ପାଉଣା ଓ ବିସ୍ଥାପିତଙ୍କ ଥଇଥାନ ଉପରେ ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି । ଏଥିସହ ଆସନ୍ତା ୨୨ତାରିଖରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଗସ୍ତରେ ଆସୁଥିବାରୁ ସଂଗଠନ ତରଫରୁ ଏକ ଦାଖିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି । ଏହି ଅବସରରେ ଚିନିକଳ ଜିଏମ ଶତଦଳ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଖବରଦାତା ସମ୍ମିଳନୀରେ ରାଜେଶ ବର୍ଗତ୍ତି, କୁମାରୀ ଭୋଇ, ତିଫାନ ନନ୍ଦ, ଭୁବନ ଭୋଇ, ସମାରୁ ଭୋଇ, ଅଶୋକ ଦାସ, କପିଳ କୁମ୍ଭାର, ଗଣେଷ କୁମ୍ଭାର, ଅକ୍ଷୟ ପୁଟା, ପ୍ରଦୀପ କୁମାର ଚନ୍ଦେଲ, ପୂର୍ଣ୍ଣ ଭଣ୍ଡା, ପ୍ରସନ୍ନ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପ୍ରତିବାଦ

**ନୂଆପଡା ଅଫିସ,୧୮।୯**

ନୂଆପଡା ଜିଲା ଯୁବ କଂଗ୍ରେସ କମିଟିର ଜିଲା ସଭାପତି କପିଳେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଶନିବାର ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା । ଖରିଆର ରୋଡରେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଭାରତ ପେଟ୍ରୋଲ ପମ୍ପ ଠାରେ ପହଞ୍ଚି ଶୃଙ୍ଖଳିତ ଭାବେ ଦସ୍ତଖତ ଅଭିଯାନ ହୋଇଥିଲା । ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ପ୍ରତ୍ୟେକ ଗରିବ, ଅସହାୟ ଓ ମଧ୍ୟବିତ ଶ୍ରେଣୀର ଲୋକଙ୍କୁ ମହଙ୍ଗା ମାଡ ହେଉଛି । ଏହାର ପ୍ରତିବାଦ କରି ନୂଆପଡା ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝି, ପ୍ରଦେଶ ଯୁବ କଂଗ୍ରେସ ଉପ ସଭାପତି ଅଙ୍କିତ ସିଂଘାଇ, ନୂଆପଡା ଯୁବ କଂଗ୍ରେସ ପ୍ରଭାରୀ ମହମ୍ମଦ ସାହେବ, ନୂଆପଡା ବିଧାନସଭା ଯୁବ କଂଗ୍ରେସ ସଭାପତି ଶାହରୁଖ ଖାନ, ଅନନ୍ତ ସୋନୀ, ଅମିତ ଅହୀର, ବରିଷ୍ଠ ନେତା ହାଲ୍ଲା ସିଂ, ମୋତି ରାୱାଲ, ଜୁନେଦ ମହମ୍ମଦ, ସୌରଭ ଚନ୍ଦ୍ରକାର, ଗୋଲି ତିୱାରୀ, ଜୟଦେବ ମାଝି, ଭୀମ ଯାଦବ, ଅଜୟ ମାଝି, ଜିତୁ ସାହୁ, ଛବି ପାଣ୍ଡେ, ଅଶୋକ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ ।

# ରକ୍ତଦାନ ଶିବିର: ୪୨ ୟୁନିଟ ସଂଗ୍ରହ

**ନୂଆପଡ଼ା ଅଫିସ, ୧୮।୯**

ନୂଆପଡା ସଦର ବ୍ଲକ ଆଦର୍ଶ ଜୋଙ୍କ ଥାନା ଖରିଆର ରୋଡ଼ ପରିସରରେ ଶନିବାର ଆଇଆଇସି ଅନିରୁଦ୍ଧ ମୁଦୁଲିଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଖରିଆର ରୋଡ ସେବା ସମିତି ସହଯୋଗ କରିଥିବା ବେଳେ ନୂଆପଡା ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ନୂଆପଡା ଆଇଆଇସି ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ବେଲଟୁକୁକୁରି ଓଆଇସି କ୍ଷୀରୋଦ ବାଗ ଯୋଗଦେଇଥିଲେ । ଅଞ୍ଚଳର ଯୁବକ ଓ ପୋଲିସ କର୍ମଚାରୀ ମିଶି ୪୨ ରକ୍ତଦାତା ୪୨ ୟୁନିଟ ରକ୍ତ ପ୍ରଦାନ କରିଛନ୍ତି । ଜିଲାରେ କୋଭିଡ୍ ମହାମାରୀ ସମୟରୁ ରକ୍ତର ଅଭାବ ଦେଖା ଯାଉଥିବାରୁ ସାଧାରଣ ରୋଗୀ ରକ୍ତ ପାଇଁ ଅସୁବିଧାର ସମ୍ମୁଖିନ ହେଉଥିବାରୁ ପୋଲିସ ପ୍ରଶାସନ ତରଫରୁ ଅଭିନବ ପ୍ରୟାସ କରି ୪୨ ୟୁନିଟ ରକ୍ତ ସଂଗ୍ରହ କରି ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଦାନ କରାଯିବ । ଖରିଆର ରୋଡ ସେବା ସମିତିଙ୍କ ସହଯୋଗରେ ଆଦର୍ଶ ଜୋଙ୍କ ଥାନା ଖରିଆର ରୋଡ ଆୟୋଜନ କରିଥିବା ବେଳେ ଏସଆଇ ଭାରତୀ ନାଏକ,ଦନାର୍ଦ୍ଦନ ଓରାମ,ଆଶିଷ ପ୍ରଧାନ, ମନୋଜ ସାହୁ,ଏଏସଆଇ ଯୋଗେନ୍ଦ୍ର ନାଏକ, ପ୍ରଭାତ କୁମାର ପଣ୍ଡା, ହୃଦୟ ମହାନନ୍ଦ, ସନ୍ତୋଷ କୁମାର ବାଗ ଏବଂ ଖରିଆର ରୋଡ ସେବା ସମିତି ନିଶାନ୍ତ ଡାଗା,ରାଜେଶ ନିଗମ, ମନୋଜ କୁମାର ଡାଗା ପ୍ରମୁଖ ସହଯୋଗ କରିଛନ୍ତି ।



ଆଇଆଇସିଙ୍କ ଉପସ୍ଥିତିରେ ଏସ୍ଆଇ ଭାରତୀ ନାଏକ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି ।

# ଅତିରିକ୍ତ ବିଡିଓଙ୍କୁ ଭେଟିଲେ ଭାଜପା ପ୍ରତିନିଧି ଦଳ

**କୋକସରା,୧୮।୯(ଡି.ଏନ.ଏ.)**

କୋକସରା ବ୍ଲକ କାଉଡୋଳା ଗ୍ରାମରେ ବିଭିନ୍ନ ସମସ୍ୟା ଲାଗି ରହିଛି । ଶନିବାର ଭାଜପା ଜିଲା ସମ୍ପାଦକ ଗୋଦାବରୀଶ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୋକସରା ବ୍ଲକ କାର୍ଯ୍ୟାଳୟ ଯାଇ ଅତିରିକ୍ତ ବିଡ଼ିଓ ପୁରୁଷୋତ୍ତମ ଧରୁଆଙ୍କୁ ସାକ୍ଷାତ କରିଥିଲେ । ଏହି ଅବସରରେ ପ୍ରତିନିଧି ଦଳ ଉକ୍ତ ଗ୍ରାମର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିବା ସହ ଶୀଘ୍ର ସମାଧାନ କରିବାକୁ ଦାବି କରିଥିଲେ । ଆଲୋଚନା ସମୟରେ ଆମପାଣି ଜିଲା ପରିଷଦ ସଭ୍ୟା ହେମାଙ୍ଗିନୀ ହଂସ, ଭାଜପା ଜିଲା କୃଷକ ମୋର୍ଚ୍ଚା ଉପ ସଭାପତି ଦୁର୍ଗା ପ୍ରସାଦ ପ୍ରଧାନୀ, ଜିଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଗଣେଶ ନନ୍ଦ, କାର୍ଯ୍ୟକାରିଣୀ ସଦସ୍ୟ ନରେନ୍ଦ୍ର ପ୍ରଧାନୀ, ମୁକୁନ୍ଦ ପଟ୍ଟନାୟକ, ସନ୍ତୋଷ ମାଝି, ଚକ୍ରଧର ବେଶ୍ରା, କେଶରୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।



ପ୍ରତିନିଧି ଦଳ ଏବିଡିଓଙ୍କୁ ଭେଟି ସମସ୍ୟା ଜଣାଉଛନ୍ତି ।

# ଅଙ୍ଗନୱାଡି କର୍ମୀ, ସହାୟିକା ସଂଘର ବିକ୍ଷୋଭ

**ବରଗଡ଼ ଅଫିସ୍,୧୮।୯**





ପଶ୍ଚିମ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସହାୟିକା ସଂଘର ବିକ୍ଷୋଭ ଶୋଭାଯାତ୍ରା ।

ପଶ୍ଚିମ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ, ସହାୟିକା ସଂଘ ବିଭିନ୍ନ ଦାବି ନେଇ ଶନିବାର ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା । ଏହାସହିତ ମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସୁମତୀ ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ ।

ନୂତନ ଶିକ୍ଷାନୀତି ଅନୁସାରେ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକ ସ୍କୁଲ ସହିତ ମିଶ୍ରଣ ସମ୍ପର୍କରେ ଚର୍ଚ୍ଚା ହେଉଛି । ଏହାହେଲେ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ସ୍ୱାତନ୍ତ୍ର୍ୟ ହରାଇବ । ଆଇସିଡ଼ିଏସ୍‌ର ସ୍ୱାତନ୍ତ୍ର୍ୟ ବଜାୟ ରଖିବାକୁ ଦାବି ହୋଇଛି । ସମସ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ପ୍ରାଥମିକ ଶିକ୍ଷକ ମାନ୍ୟତା, ସହକାରୀ ଶିକ୍ଷକ ମାନ୍ୟତା ସହିତ ଶିକ୍ଷକମାନେ ପାଉଥିବା ଦରମା ହାରରେ ଭତ୍ତା ପ୍ରଦାନ, ବକେୟା ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି । ଅଙ୍ଗନୱାଡ଼ି କାର୍ଯ୍ୟକର୍ତ୍ତା ବୀମା ଯୋଜନା ୨୦୦୪ରେ ରାଜ୍ୟରେ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ସେଥିରୁ ଅଙ୍ଗନୱାଡ଼ି କର୍ମୀ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ଫଳରେ ଏହାର ସଫଳ ରୂପାୟନ ପାଇଁ ଦାବି ହୋଇଛି । ଚାକିରି ଅବଧି ସମୟରେ ଅଙ୍ଗନୱାଡ଼ି କର୍ମୀ, ସହାୟିକା ମୃତ୍ୟୁବରଣ କଲେ ତାଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ଦେବାକୁ ସଂଘ ଦାବି କରିଛି । ସଂଘର ଆବାହକ ପ୍ରଶାନ୍ତ ପାଢ଼ୀ, ବାଳକୃଷ୍ଣ ଭୋଇ, ରକ୍ମିଣୀ ଜୁଆଡ଼ି, ସରସ୍ୱତୀ ପଞ୍ଚବିହାର, ବିଳାସିନୀ ମହାପାତ୍ର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ଟିକା ଗାଏବ ଅଭିଯୋଗ

ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ଜିଲା ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଗୁଡ଼ଭେଲିପଦର ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ କୋଭିଡ ଟିକାକରଣ ବେଳେ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା । ଅନେକ ଲୋକେ ଟିକା ନେବା ପାଇଁ ସକାଳୁ ଅପେକ୍ଷା କରିଥିବା ବେଳେ ଟିକା ସରିଗଲା ବୋଲି କହି ଦାୟିତ୍ୱରେ ଥିବା ଏ.ଏନ.ଏମ.ଲୋକଙ୍କୁ ଫେରାଇ ଦେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ବୌଦ୍ଧ ସିଡିଏମଓ ଅଭୟ ଦାସଙ୍କ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ, ଉକ୍ତ କେନ୍ଦ୍ରକୁ ଶୁକ୍ରବାର ୫୦୦ ଟିକା ଆସିଥିଲା। ହେଲେ ଅପରାହ୍ନ ୨ଟାରେ ମାତ୍ର ୨୭୬ ଲୋକଙ୍କୁ ଟିକା ଦିଆଯାଇଥିବା ତାଲିକାରୁ ଜଣାପଡିଥିଲା । ବାକି ଥିବା ୨୨୪ ଟିକା ଗଲା କୁଆଡେ ବୋଲି ସିଡିଏମଓଙ୍କୁ ଲୋକେ ପ୍ରଶ୍ନ କରିଥିଲେ

# ଚିକିତ୍ସା ବଦଳରେ ବୃଦ୍ଧାଙ୍କୁ ଜଙ୍ଗଲରେ ଛାଡ଼ିଲେ

ବରଗଡ଼ ଅଫିସ୍,୧୮।୯

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଖରମୁଣ୍ଡା ପଞ୍ଚାୟତ ଘନଘଟି ଗ୍ରାମର ଜଣେ ବୃଦ୍ଧାଙ୍କୁ ଚିକିତ୍ସା କରିବା ପରିବର୍ତ୍ତେ ପରିବାର ଲୋକେ ଜଙ୍ଗଲରେ ଛାଡ଼ିଦେବା ଭଳି ଅଭାବନୀୟ ଘଟଣା ପଦାକୁ ଆସିଛି। ବରଗଡ଼ର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ଶନିବାର ଖବର ପାଇ ଘଟଣାର ୧୫ଦିନ ପରେ ସମ୍ପୃକ୍ତ ବୃଦ୍ଧାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଏହି ଘଟଣା ଜିଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ବୃଦ୍ଧା


ବାରପାହାଡ଼ ଜଙ୍ଗଲର ଏହି ପଲିଥିନ ତଳେ ରହୁଥିଲେ ଉଦ୍ଧାର ବୃଦ୍ଧା।

ଜଣକ ଅସୁସ୍ଥ ଥିଲେ। ତାଙ୍କ ମୁଣ୍ଡରେ ଘା' ଓ ହାତରେ ଧଳାଦାଗ ହୋଇଥିଲା। ଫଳରେ ସେ ସାମାଜିକ ବାସନ୍ଦର ଶିକାର ହୋଇଥିଲେ। ପରିବାର ଲୋକେ ମଧ୍ୟ

### ସାମାଜିକ ବାସନ୍ଦର କୁପରିଣତି

ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ସମ୍ପୃକ୍ତ ବୃଦ୍ଧାଙ୍କୁ ବାରପାହାଡ଼ ଜଙ୍ଗଲରେ ଏକ ପଲିଥିନ କୁଡ଼ିଆ କରି ଛାଡ଼ି ଦେଇଥିଲେ। ଖବର ପାଇ ସଂକଳ୍ପ ପରିବାରର ରୋହିତ ଜୟସ୍ୱାଲ, ବିକାଶ ଅଗ୍ରୱାଲ, ନିଧାନ ଦନ୍ତା, ଟି. ରମେଶ, ଅସିତ ଭୋଇ, ହରିଶ ନାଏକ ପ୍ରମୁଖ ସେଠାକୁ ପହଞ୍ଚିଥିଲେ। ସେମାନେ ଉକ୍ତ ବୃଦ୍ଧାଙ୍କୁ ୨ କି.ମି. ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସକୁ ଆଣି ଡାକ୍ତରଖାନାରେ ପହଞ୍ଚାଇଥିଲେ।

# ଯୁବକଂଗ୍ରେସ କର୍ମୀଙ୍କ ବିକ୍ଷୋଭ



ବରପାଲି ତହସିଲ ଅଫିସ୍ ଆଗରେ ଯୁବ କଂଗ୍ରେସ କର୍ମୀଙ୍କ ବିକ୍ଷୋ ।

ବରପାଲି,୧୮।୯(ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ବ୍ଲକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୧ତମ ଜନ୍ମ ଦିବସକୁ ଶୁକ୍ରବାର ସ୍ଥାନୀୟ ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ବେରୋଜଗାର ଦିବସ ଭାବେ ପାଳନ କରାଯାଇଛି। ସମ୍ପ୍ରତି ବେକାରୀ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ରୋଜଗାର ଦେବା ବଦଳରେ ଛଟେଇ କରାଯାଉଛି। ଏଥିପାଇଁ ଯୁବ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛି। ଏହି କ୍ରମରେ ଜିଲା ଯୁବ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଅଭିଷେକ ସେଠଙ୍କ ନେତୃତ୍ୱରେ ବରପାଲି ତହସିଲ ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଦଳୀୟ କର୍ମୀ ବରୁଣ ସାଗର, ରବି ସେଠ, ସରୋଜ ଭୋଇ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଶିକ୍ଷୟିତ୍ରୀଙ୍କଠାରୁ ଲୁଟିନେଲେ ୨ଲକ୍ଷ ଟଙ୍କା

ସଇଁତଲା,୧୮।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟ ସମ୍ମୁଖରୁ ଜଣେ ଶିକ୍ଷୟିତ୍ରୀଙ୍କଠାରୁ ୨ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଶିସକେଲା ପଞ୍ଚାୟତ ଭୋଇରପଡ଼ା ଗ୍ରାମର ସସ୍ମିତା ତାଣ୍ଡି। ସେ ସିଙ୍ଗବାହାଲି ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ସସ୍ମିତା ସଇଁତଲା ଷ୍ଟେଟ ବ୍ୟାଙ୍କ ଶାଖାକୁ ଆସି ଦୁଇଲକ୍ଷ ଟଙ୍କା ଘର ତିଆରି ଋଣ ଉଠାଇଥିଲେ। ଶନିବାର ପୂର୍ବାହ୍ନରେ ବ୍ୟାଙ୍କରୁ ଟଙ୍କା ଉଠାଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ତାଙ୍କ ସ୍ୱାମୀଙ୍କ ସହ ବାଇକରେ ଆସୁଥିଲେ। ବାଇକରୁ ଓହ୍ଲାଉଥିବାବେଳେ ଦୁଇଜଣ ଲୁଟେରା ଏକ ବାଇକରେ ଆସି ଟଙ୍କା ରଖିଥିବା ଭ୍ୟାନିଟିକୁ ଛଡାଇ ନେଇ ଦ୍ରୁତଗତିରେ ପଳାଇ ଯାଇଥିଲେ। ତାଣ୍ଡିଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ବ୍ଲକ ଛକ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଭିତ୍ତି କରି ତଦନ୍ତ ଜାରୀ ରଖିଛି ।

### ବିଦ୍ୟୁତ୍ ଖୁଣ୍ଟରୁ ଯୁବକଙ୍କ ମୃତଦେହ ଜବତ

#### ପରିବାରବର୍ଗ ଆଣିଲେ ହତ୍ୟା ଅଭିଯୋଗ

ଭବାନୀପାଟଣା,୧୮।୯(ସ୍ୱ.ପ୍ର.): କଳାହାଣ୍ଡି ଜିଲା କଲମପୁର ବ୍ଲକ ଭଇଁରୀ ଗ୍ରାମରେ ଶନିବାର ଜଣେ ଯୁବକଙ୍କ ମୃତଦେହ ବିଦ୍ୟୁତ୍ ଖୁଣ୍ଟରୁ ଜବତ କରାଯାଇଛି। ମୃତ ଯୁବକ ହେଲେ ଗଜାନନ ନାଏକ (୪୦) । ସକାଳେ ଯୁବକ ଜଣକ ଗ୍ରାମର ଏକ ବିଦ୍ୟୁତ୍ ଖୁଣ୍ଟରେ ଓହଳି ଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରେ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ କୁଟ୍ରୁ ଫାଣ୍ଡିକୁ ସୂଚନା ଦେଇଥିଲେ। ଫାଣ୍ଡି ଅଧିକାରୀ ବି.ଏନ୍. ରେଡ୍ଡି ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ମୃତଦେହ ବିଦ୍ୟୁତ୍ ଖୁଣ୍ଟରୁ କାଢିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୧/୨୧) ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ବି.ଏନ. ରେଡ୍ଡି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଯୁବକଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ପରିବାରବର୍ଗ ଅଭିଯୋଗ କରିଛନ୍ତି।

### ଅସହାୟଙ୍କ ଶବ ସତ୍କାର କଲା ସ୍ୱେଚ୍ଛାସେବୀ ସଂଗଠନ

ବଲାଙ୍ଗୀର ଅଫିସ, ୧୮।୯: ଟିଟିଲାଗଡ ନିବାସୀ ଏଲ୍ ଅନୀଲ କୁମାର ନାମକ ଜଣେ ବ୍ୟକ୍ତି ଡାଇଲିସିସ୍ ପାଇଁ ଶୁକ୍ରବାର ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆସିଥିଲେ। ଡାକ୍ତରଖାନାରେ ଭର୍ତ୍ତି ହେବାପରେ ଶନିବାର ସକାଳେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ଖବର ପାଇବା ପରେ ଟିଟିଲାଗଡରୁ ତାଙ୍କର ଭଉଣୀ ଶାନ୍ତିଦେବୀ ବଲାଙ୍ଗୀର ହସ୍ପିଟାଲକୁ ଆସିଥିଲେ। ତାଙ୍କର ଅନ୍ୟ କୌଣସି ସମ୍ପର୍କୀୟ ନ ଥିବାରୁ କିଭଳି ଭାବେ ସେ ଭାଇଙ୍କ ମୃତଦେହ ସତ୍କାର କରିବେ ସେନେଇ ଚିନ୍ତାରେ ପଡିଥିଲେ। ଏଭଳି ପରିସ୍ଥିତିରେ ଅସହାୟା ଅବସ୍ଥାରେ ସେ ୫ ଘଣ୍ଟା କାଳ ହସ୍ପିଟାଲରେ ରହିଥିଲେ। ଖବର ପାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍‌ର ସଦସ୍ୟମାନେ ହସ୍ପିଟାଲ ଆସି ଅନୀଲଙ୍କ ମୃତଦେହକୁ ବିଭୂତିପଡା ଶଶ୍ମାନକୁ ନେଇ ସତ୍କାର କରିଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା ସୋମନାଥ ମିଶ୍ରଙ୍କ ନେତୃତ୍ୱରେ କୁନାଲ ସରକାର, ପ୍ରୀତମ ବରାଡ, ରୋଶନ୍ ସୁନା, ହେମନ୍ତ ଛୁରିଆ, କନ୍ଦର୍ପ ରଣା, ବୀରେନ୍ଦ୍ର ସାହୁ, ଅଲିମ ନାଗ ସହଯୋଗ କରିଥିଲେ।

# ଭୁଶୁଡ଼ିଲା ରାସ୍ତା, ଯାତାୟାତ ଠପ୍

କୁନାଗଡ,୧୮।୯(ଡି.ଏନ୍.ଏ)

କଳାହାଣ୍ଡି ଜିଲା କୁନାଗଡ ବ୍ଲକ କାନ୍ଦୁଲବନ୍ଧ ଓ ଗୌଡଛେଣ୍ଡିଆ ମଧ୍ୟରେ ଆରଡି ରାସ୍ତା କାମ ନିମ୍ନମାନର ହୋଇଥିବାରୁ ଶନିବାର ଗୋଟିଏ ସ୍ଥାନରେ ହଠାତ୍ ଭୁଶୁଡି ଯାଇଥିବା ଦେଖିବାକୁ ମିଳିଛି। ଗତ କିଛି ବର୍ଷ ତଳେ ବିଜୁ କେବିକେ ଯୋଜନାରେ ଏହି ରାସ୍ତା କାମ ନିର୍ମାଣ କରାଯାଇଥିଲା। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଏପରି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା ଭୁଶୁଡି ଯିବାରୁ ଏବେ ଏହି ରାସ୍ତାରେ ଯାତାୟାତ ଏକପ୍ରକାର ଠପ୍ ହୋଇଛି। ସ୍ଥାନୀୟ ଲୋକେ ଅନ୍ୟ ବୁଲାଣି ରାସ୍ତା ଦେଇ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଏହି ରାସ୍ତା କୁନାଗଡ ବ୍ଲକରୁ


ରାସ୍ତା ଭୁଶୁଡି ପଡିଛି।

### କାନ୍ଦୁଲବନ୍ଧ-ଗୌଡଛେଣ୍ଡିଆ ଗ୍ରାମ୍ୟ ଉନ୍ନୟନ ରାସ୍ତା

କଲମପୁର ବ୍ଲକକୁ ସଂଯୋଗ କରୁଥିବାରୁ ପ୍ରତିଦିନ ବହୁ ସଂଖ୍ୟକ ଯାନବାହାନ ଚଳାଚଳ କରିଥାଏ। ବର୍ତ୍ତମାନ ରାସ୍ତାର ଏପରି ସ୍ଥିତି ଯୋଗୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ସ୍ଥାୟୀତ୍ୱ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତା କାମ କରିଥିବା ଠିକାଦାର ଓ ତଦାରଖ କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି। ଶୀଘ୍ର ରାସ୍ତା ମରାମତି କରାଯିବ ବୋଲିବିଭାଗ ସୂତ୍ରରୁଜଣାଯାଇଛି।

## ୬୦ ଲିଟର ମଦ ଜବତ, ୨ କୋର୍ଟ ଚାଲାଣ

କୁନାଗଡ,୧୮।୯(ଡି.ଏନ୍.ଏ.)

କଳାହାଣ୍ଡି ଜିଲା କୁନାଗଡ ସହରର ବିଭିନ୍ନ ସ୍ଥାନରେ ଏବେ ଛତୁ ଫୁଟିଲା ଭଳି ବେଆଇନ ମଦ କୋଠି ଖୋଲିଛି। ଅବକାରୀ ତଥା ପୋଲିସ ବିଭାଗ ଚେଇଁ ଶୋଇ ରହିଥିବାରୁ ଚୋରା ମଦ କାରବାର ଅବାଧରେ ଚାଲିଛି। ଏପରିସ୍ଥଳେ କୁନାଗଡ ସହର ଗନ୍ତାୟତପଡାବାସୀ ନିଜ ପଡାକୁ ମଦମୁକ୍ତ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ଶୁକ୍ରବାର ରାତିରେ ସେମାନେ ପଡାରେ ଖୋଲିଥିବା ୨ଟି ବେଆଇନ ମଦକୋଠିକୁ ଯାଇ ମଦ ଜବତ କରିବା ସହ ୨ ଜଣ ମଦ ବେପାରୀଙ୍କୁ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀଙ୍କ ଜିମା ଦେଇଛନ୍ତି। ପୋଲିସ ଘଟଣାସ୍ଥଳରୁ ୪୦ ଲିଟର ଦେଶୀ ପାଉଚ ଓ ମଦ ବୋତଲ ଜବତ କରିବା ସହ ୨ଟି ମାମଲା (୩୧୬/୨୧ ଓ ୩୧୭/୨୧) ରୁଜୁ କରିଛି। ଏହି ଘଟଣାରେ ସଂପୃକ୍ତ ମନୋରଞ୍ଜନ ନାଏକ ଓ ସୁରେଶ ନାଏକଙ୍କୁ ଗିରଫ କରି ଶନିବାର ସ୍ଥାନୀୟ ଜେଏମ୍ଏଫସି କୋର୍ଟ ଚାଲଣ କରିଛି। ସେହିପରି ଅବକାରୀ ବିଭାଗ କର୍ମଚାରୀ ଘଟଣାସ୍ଥଳରୁ ୨୦ ଲିଟର ଦେଶୀ ପାଉଚ ଓ ମଦ ବୋତଲ ଜବତ କରି ଏକ ମାମଲା ରୁଜୁ କରିଛି।

# କିରାନା ଦୋକାନରେ ଜିଏସ୍‌ଟି ଚଢ଼ାଉ


ପଦ୍ମପୁରର ଏକ କିରାନା ଦୋକାନରେ ଜିଏସ୍‌ଟି ଚଢ଼ାଉ ଚାଲିଛି ।

ପଦ୍ମପୁର,୧୮।୯(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁରର ଏକ କିରାନା ଦୋକାନରେ ଜିଏସ୍‌ଟି ଫାଙ୍କି ଅଭିଯୋଗରେ ଶନିବାର ଚଢ଼ାଉ ହୋଇଥିଲା। ପଦ୍ମପୁର ସହରର ଜଗଦଲପୁର ରାସ୍ତାରେ ଥିବା ବୈଦ୍ୟନାଥ ଅଗ୍ରୱାଲଙ୍କ ଗଜଲକ୍ଷ୍ମୀ ଷ୍ଟୋରରେ ହୋଇଥିବା ଏହି ଚଢ଼ାଉରେ ସମ୍ବଲପୁର, ରାଉରକେଲାର ୩ଟି ବିଭାଗୀୟ ଟିମ୍ ସାମିଲ ହୋଇଥିଲେ। ଏହି ଟିମ୍ ଉକ୍ତ ଦୋକାନର କାଗଜପତ୍ର ଏବଂ କ୍ରୟ ବିକ୍ରୟ ରେକର୍ଡ଼ ଯାଞ୍ଚ କରିଥିଲେ। ଜିଏସ୍‌ଟି ବିଭାଗର ଡେପୁଟି କମିଶନର ରଜନୀକାନ୍ତ ସେଠଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

# ସୁବଳୟା ହାଇସ୍କୁଲରେ ସ୍ୱଚ୍ଛତା ପକ୍ଷ ପାଳନ


ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଶିକ୍ଷୟିତ୍ରୀଶିକ୍ଷକ ଓ ବିଦ୍ୟାଥୀମାନେ।

ଅମରପାଲି,୧୮।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ହାଇସ୍କୁଲରେ ଶନିବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରାଙ୍କ ଅଧକ୍ଷତାରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ଜୁନିୟର ରେଡକ୍ରସ ସାଧନାକର୍ମୀ ଚନ୍ଦ୍ରମଣି ବାଘଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ୧୫ଦିନ ବ୍ୟାପୀ ସ୍ୱଚ୍ଛତା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମ ଦିବସରେ ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ଶପଥପାଠ କରାଇଥିଲେ। ବିଦ୍ୟାଳୟ ପରିବେଶକୁ କିଭଳି ସ୍ୱଚ୍ଛ ରଖାଯିବ ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ହାତଧୁଆ, ଭାଇରାଲ ରୋଗର ସୁରକ୍ଷା, ମ୍ୟାଲେରିଆ,ଡେଙ୍ଗୁ ଆଦିରୋଗର ପ୍ରତିକାର ସହିତ କୋଭିଡ-୧୯ରୁ କିଭଳି ସୁରକ୍ଷିତ ରହିବେ ସେନେଇ ଜୁନିୟର ରେଡକ୍ରସ ୟୁନିଟର ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଥିଲା। ଶିକ୍ଷକ ପ୍ରଦୀପ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳଜୀବନ ମିଶନ କର୍ମଶାଳା

ଲୋଇସିଂହା,୧୮।୯(ଡି.ଏନ.ଏ.)

ଆଗଲପୁର ବ୍ଲକ ସଲେଭଟା ପଞ୍ଚାୟତ ରାଜୀବ ଭବନରେ ଜଳଜୀବନ ମିଶନର ସଫଳ ରୂପାୟନ ପାଇଁ ଏକ କର୍ମଶାଳା ହୋଇଯାଇଛି। ଆଇଏସଏଏସୱାଏ ଓ ସେୱାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳାରେ ବ୍ଲକ ଅନ୍ତର୍ଗତ ୨୦ପଞ୍ଚାୟତର ସଂଗଠକ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ସେୱା ଜିଲା ସଂଯୋଜକ ଧ୍ୟାନଚାନ୍ଦ ମହାଲିକ, ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ ସାହୁ ତାଲିମଦାତା ଭାବେ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ସହ ମିଶନକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା ୨୦୨୪ ସୁଦ୍ଧା ସମସ୍ତ ଘରକୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ଉକ୍ତ ମିଶନର ମୂଳଲକ୍ଷ୍ୟ ବୋଲି ତାଲିମଦାତା ମତ ରଖିଥିଲେ। ଗ୍ରାମ ପଞ୍ଚାୟତ ସଂଯୋଜକ ଆନନ୍ଦ ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବୌଦ୍ଧ ଜିଲା ହକି ସଂଘର ପ୍ରଥମ ବୈଠକ

ବୌଦ୍ଧ,୧୮।୯(ସ୍ୱ.ପ୍ର.)

ଅଲମ୍ପିକ ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଓ ମହିଳା ଦଳ ସଫଳତା ହାସଲ କରିବା ପରେ ସାରା ଦେଶର ଦୃଷ୍ଟି ଏବେ ଓଡ଼ିଶା ଉପରେ କେନ୍ଦ୍ରୀଭୂତ ହୋଇଛି। ରାଜ୍ୟ ସରକାର ପ୍ରତି ଜିଲାସ୍ତରରେ ହକିର ଭିତ୍ତିଭୂମି ସୃଷ୍ଟି ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଜିଲା ସ୍ତରରେ ହକି ସଂଘ ଗଠନ କରାଯାଇ ଖେଳାଳିମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବୌଦ୍ଧରେ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଉଦ୍ୟମକ୍ରମେ ହକି ସଂଘ ଗଠନ କରାଯାଇ ଏହାର ପ୍ରଥମ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୧୦ ଜଣିଆ କାର୍ଯ୍ୟକାରୀ ସଦସ୍ୟଙ୍କୁ ନେଇ ଜିଲା ହକି ସଂଘ ଗଠନ କରାଯାଇଛି । କମିଟିର ସଭାପତି ଭାବେ ଜିଲାପାଳ, ସାଧାରଣ ସମ୍ପାଦକ ଉପଜିଲାପାଳ, କୋଷାଧକ୍ଷ ଜିଲା କ୍ରୀଡା ଅଧିକାରୀ ଓ ସଦସ୍ୟ ଭାବରେ ଅଖିଳଚାନ୍ଦ ମହାପାତ୍ର, କ୍ରୀଡା ଶିକ୍ଷକ ଆର.କେ. ରାଉତ, ଗରିବ ବେହେରା, ସୁନୀତା ଦାଶ, ବନ୍ଦିତା ବିଶ୍ୱାଳ, ରୋଜାଲିନ ରାଜହଂସ ଓ ପ୍ରସନ୍ନ ପ୍ରଧାନଙ୍କୁ ମନୋନୀତ କରାଯାଇଛି। ଉପଜିଲାପାଳ ଅଶ୍ୱନୀ କୁମାର ମେହେର, ଜିଲା କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତ ଉପସ୍ଥିତ ଥିଲେ।

# ୪ ଅନୁଷ୍ଠାନକୁ ପ୍ରକୃତି ମିତ୍ର, ୫ ଜଣଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

ସୋନପୁର,୧୮।୯(ନି.ପ୍ର.)

୨୦୨୦-୨୧ ବର୍ଷ ପାଇଁ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ଘୋଷଣା ହୋଇଛି। ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସୁବର୍ଣ୍ଣପୁର ଜିଲାର ୪ଗୋଟି ଅନୁଷ୍ଠାନକୁ ପ୍ରକୃତି ମିତ୍ର ଓ ୫ ଜଣ ବ୍ୟକ୍ତିଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯିବ। ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁ ସରକାରୀ ହାଇସ୍କୁଲ, ବିନିକା ବ୍ଲକ ଭଣ୍ଡାରର କାମଧେନୁ ଗୋ ସେବାଶ୍ରମ, ଉଲୁଣ୍ଡା ବ୍ଲକର କଇରାଝୁଲି ସରକାରୀ ୟୁପି ସ୍କୁଲ ଓ ସୋନପୁର ସହରର ବୁଢାରାଜା ଯୁବ ସ୍ୱେଚ୍ଛାସେବୀ ସଂଗଠନ ପ୍ରକୃତି ମିତ୍ର ପୁରସ୍କାର ପାଇବେ। ସମ୍ପୃକ୍ତ ଅନୁଷ୍ଠାନକୁ ପ୍ରମାଣପତ୍ର ଓ ୨୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯିବ। ସେହିପରି ଡୁଙ୍ଗୁରିପାଲି ବ୍ଲକ ବଡନୁଆପାଲିର ତାରିଣୀସେନ ଭୁଏ, ବିନିକା ବ୍ଲକ କୁଇବାହାଲ ଗାଁର ମୁରଲୀଧର ବିଶ୍ୱାଳ, ସୋନପୁର ସହର ବଡବଗିଚାର ଶିକ୍ଷୟିତ୍ରୀ ସନ୍ତୋଷିନୀ ନନ୍ଦ, ଉଲୁଣ୍ଡା ବ୍ଲକ ମାଟୁପାଲିର ଶମ୍ଭୁରାଜ କର୍ଣ୍ଣ ଓ ବୀରମହାରାଜପୁର ବ୍ଲକ ବଡଖମାରର ଆଶିଷ କୁମାର ସାହୁ ପ୍ରକୃତି ବନ୍ଧୁ ପ୍ରମାଣପତ୍ର ସହ ୧୦ ହଜାର ଟଙ୍କା ଲେଖାଏଁ ରାଶି ପ୍ରଦାନ କରାଯିବ। ଚାରା ରୋପଣ ଓ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲାସ୍ତରୀୟ କମିଟି ସମ୍ପୃକ୍ତ ଅନୁଷ୍ଠାନ ଓ ବ୍ୟକ୍ତିଙ୍କୁ ମନୋନୀତ କରିବା ପରେ ତାହା ରାଜ୍ୟ ପରିବେଶ ଓ ଜଙ୍ଗଲ ବିଭାଗକୁ ପଠାଯାଇଥିଲା।

## କଣ୍ଠଶିଳ୍ପୀ ନବୀନ କୁଅଁର, ବାଦ୍ୟଶିଳ୍ପୀ ଶଙ୍କର ପ୍ରଧାନ ସମ୍ବର୍ଦ୍ଧିତ


ପୁରସ୍କୃତ ପ୍ରତିଭାଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

ବଲାଙ୍ଗୀର ଅଫିସ, ୧୮।୯

ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ବିଶିଷ୍ଟ କଣ୍ଠଶିଳ୍ପୀ ନବୀନ କୁଅଁର ଏବଂ ଲୋକବାଦ୍ୟ ଶିଳ୍ପୀ ଶଙ୍କର ପ୍ରଧାନଙ୍କୁ ଗଣ୍ଡାବଜା ପକ୍ଷରୁ ଶନିବାର ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ଅମଲା ଭବନଠାରେ ଗଣ୍ଡାବଜା ସମ୍ପାଦକ ତ୍ରିଲୋଚନ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ମୁଖ୍ୟଅତିଥି, ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା ସମ୍ମାନିତ ଅତିଥି ଓ ଗୁରୁଶ୍ରୀ ଡ. ଘାସିରାମ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉଭୟ ପ୍ରତିଭାଙ୍କୁ ମାନପତ୍ର ଓ ଉପାୟନ ଦେଇ ମୁଖ୍ୟଅତିଥି ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ପ୍ରତିଭାକୁ କେହିବି ରୋକିପାରିବ ନାହିଁ ବୋଲି ମୁଖ୍ୟଅତିଥି କହିଥିଲେ। ତରଣୀସେନ ସୁନା ମଞ୍ଚ ପରିଚାଳନା କରିଥିଲେ।

# ଜଟେସିଙ୍ଗା ୟୁପି ସ୍କୁଲରେ ଶିକ୍ଷାସେତୁ କାର୍ଯ୍ୟକ୍ରମ

ଅମରପାଲି, ୧୮।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଙ୍ଗା ୟୁପି ସ୍କୁଲରେ ଶନିବାର ସ୍କଲ ପରିସରରେ ଶିକ୍ଷାସେତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଶୀଲ କୁମାର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି ଏବଂ ଏବିଇଓ ଚନ୍ଦ୍ରେଶ୍ୱର ଦାସ ଓ ଲକ୍ଷ୍ମଣ ରଥ ଏବଂ ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ତ୍ରିପୁରାରୀ ରଥ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ବଡଖମାର ୟୁପି ସ୍କୁଲ ପ୍ରଧାନଶିକ୍ଷକ


ମଞ୍ଚାସୀନ ଅତିଥିମାନେ ମୋ ସ୍କୁଲ ଅଭିଯାନର ସହାୟତା ରାଶି ଗ୍ରହଣ କରୁଛନ୍ତି।

ରାଶବିହାରୀ ମେହେର ସଭା ପରିଚାଳନା କରିଥିଲେ। ଶିକ୍ଷକ ନିରଞ୍ଜନ ଦଣ୍ଡସେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ମୋ ସ୍କୁଲ ଅଭିଯାନରେ ପୁରାତନ ଛାତ୍ରୀଛାତ୍ରମାନେ ୧ଲକ୍ଷ ୧ହଜାର ଟଙ୍କା ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ସହଦେବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବିରେ ପଦଯାତ୍ରା

ଗୋଲାମୁଣ୍ଡା,୧୮।୯(ଡି.ଏନ.ଏ)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସିନାପାଲି ଗ୍ରାମ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବିରେ ଶନିବାର ଚାଷୀମାନେ ପଦଯାତ୍ରା କରିଥିଲେ। ଏହି ଅବସରରେ ଚାଷୀମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚାଷୀନେତା ନଉକେଶ୍ୱର ପୁଟେଲଙ୍କ ନେତୃତ୍ୱରେ ସିନାପାଲି ଗ୍ରାମ ପଞ୍ଚାୟତର ଶତାଧିକ ଚାଷୀ ଏକଜୁଟ ହୋଇଥିଲେ। ପରେ ମହେନ୍ଦ୍ରପୁରଠାରୁ କେଗାଁ ପର୍ଯ୍ୟନ୍ତ ଦୀର୍ଘ ୫ କିଲୋମିଟର ପଦଯାତ୍ରାରେ ଆସି କେଗାଁ ରାଜସ୍ୱ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ବିଭାଗ ଅଫିସଠାରେ ରାଜସ୍ୱ ନିରୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ପଦଯାତ୍ରାକୁ ସମର୍ଥନ କରି କିଷାନ ସଂଘ ସଭାପତି ସାଉଲ ମଙ୍ଗରାଜ ଓ ସାଧାରଣ ସଂପାଦକ ପ୍ରସନ୍ନ ରାଉତ, ନରହରି ବାଗ ମଧ ସାମିଲ ହୋଇଥିଲେ।

ଚଳିତବର୍ଷ ଚାଷୋପଯୋଗୀ ବର୍ଷା ଅଭାବରୁ ଗୋଲାମୁଣ୍ଡା ବ୍ଲକ ସିନାପାଲି ପଞ୍ଚାୟତରେ ଭୟାବହ ମରୁଡି ପରିସ୍ଥିତି ଦେଖାଦେଇଛି। ଗ୍ରାମ ପଞ୍ଚାୟତର ସିନାପାଲି, ଲାଞ୍ଜି, ମହେନ୍ଦ୍ରପୁର ଗ୍ରାମର ଚାଷୀମାନେ ତଳି ପକାଇଥିଲେ ମଧ ଠିକ ସମୟରେ ବର୍ଷା ନ ହେବାରୁ ତଳି ରୋଇ ପାରିନାହାନ୍ତି । ଫଳରେ ଏକର ଏକର ଚାଷ ଜମି ପଡିଆ ପଡିଛି। ଆଗାମୀ ଦିନରେ ରୁଆ କଲେ ମଧ ଧାନ ଅମଳ ହେବ ନାହିଁ । ଅନେକ ଚାଷ ଜମିରେ ଧାନ ଚାଷ ହୋଇଥିଲେ ହେଁ ନଷ୍ଟ ହେବାକୁ ବସିଲାଣି। ଏଣୁ ଉକ୍ତ ପଞ୍ଚାୟତର ଚାଷୀମାନେ ହତାଶ ହୋଇ ପଡିଛନ୍ତି। ସରକାର ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଗ୍ରାମ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବା, ମରୁଡି ସହାୟତା ତଥା ଆଗାମୀ ଦିନରେ ଇନସୁରାନ୍ସ ପ୍ରଦାନ କରିବାକୁ ଦାବି କରାଯାଇଛି। ଏଥିସହିତ ଜଳସେଚନ ସୁବିଧା ନ ଥିବା ଏହି ଅଞ୍ଚଳରେ ବର୍ଷା ନ ହେଲେ ଫସଲ ମରୁଡି କବଳିତ ହେଉଛି । ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଉଦନ୍ତି ନଦୀଠାରେ ମେଗା ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନା କରି ଚାଷ ଜମିକୁ ପାଣି ଯୋଗାଇ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଗ୍ରାମ ପଞ୍ଚାୟତର ଚାଷୀ ଅଜାମିଳ ପୁଟେଲ, ଠଣ ସାହୁ, ଅଶୋକ ସାହୁ, ମଦନ ଛତ୍ରିଆ, ନୃପରାଜ ପୁଟେଲ, ଯଶୋବନ୍ତ ସାହୁ, ଗରୁମଣି ସୁନା, ଭୋଦେବ ସୁନା, ଗଣନାଥ ଭୋଇ, ସୁଶାନ୍ତ ଶତପଥୀଙ୍କ ସମେତ ଶତାଧିକ ଚାଷୀ ପଦଯାତ୍ରାରେ ସାମିଲ ଥିଲେ।